## ସଂକ୍ଷେପରେ

### ୨ ଯୁବକଙ୍କ ତଣ୍ଟି ବ୍ଲେଡରେ କାଟିବା ଅଭିଯୋଗ, ୩ ଅଟକ

ବୁଗୁଡ଼ା,୨୭।୭(ଡି.ଏନ.ଏ.): ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅଞ୍ଚଳରେ ୨ ଜଣ ଯୁବକଙ୍କ ତଣ୍ଟି ବ୍ଲେଡରେ କାଟିବା ନେଇ ଶନିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୪୮/୧୯ରେ ଏକ ମାମଲା ରୁଜୁ କରି ୩ ଯୁବକଙ୍କୁ ଥାନାରେ ଅଟକ ରଖିଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ପ୍ରକାଶ ଯେ, ଶୁକ୍ରବାର ରାତି ପ୍ରାୟ ୯ ଟାରେ ଉକ୍ତ ଥାନା ପଙ୍କଲ ସାହି ଗ୍ରାମ ନିକଟ ଏକ ବିଶ୍ରାମାଗାରରେ ସେହି ଗ୍ରାମର ୩ଜଣ ଯୁବକ ନିଶାସକ୍ତ ଅବସ୍ଥାରେ ବସିଥିଲେ। କିଛି ସମୟ ପରେ ସେଠାରେ ବୁଗୁଡ଼ା ଥାନା ବି.ବ୍ରହ୍ମପୁରର ଅମର ବେହେରା, ରାମ ବେହେରା ଓ କଳ୍କି ପଲାଇ ଆସି ପହଞ୍ଚିଥିଲେ। ପୂର୍ବ ଶତ୍ରୁତାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ସହ ମାରପିଟ ହୋଇଥିଲା। ପରେ ସମ୍ପୃକ୍ତ ୩ଜଣ ଯୁବକ ଅମର ଓ ରାମ ବେହେରାଙ୍କୁ ମାଡ଼ି ବସି ତାଙ୍କ ତଣ୍ଟି ବ୍ଲେଡରେ କାଟି ଦେଇ ରକ୍ତାକ୍ତ ଅବସ୍ଥାରେ ଛାଡ଼ି ଦୌଡ଼ି ପଳାଇଥିଲେ। ଏହି ସମୟରେ କଳ୍କି ସେଠାରୁ ଖସି ଆସି ଥାନାରେ ଅଭିଯୋଗ କରିଥିଲେ। ଖବର ପାଇ ବି. ବ୍ରହ୍ମପୁରର କେତେଜଣ ଲୋକ ପହଞ୍ଚି ଗୁରୁତରଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସେମାନଙ୍କୁ ବ୍ରହ୍ମପୁର ମେଡିକାଲକୁ ପଠାଯାଇଥିଲା। ବୁଗୁଡ଼ା ପୋଲିସ ଆକ୍ରମଣ କରିଥିବା ୩ ଜଣଙ୍କୁ ଧରି ଥାନାରେ ଅଟକ ରଖିଛି।

### ବନ ବିଭାଗ ପକ୍ଷରୁ କାଠ, ପଟା ଜବତ

ବେଗୁନିଆପଡ଼ା,୨୭।୭(ଡି.ଏନ.ଏ.): ବେଗୁନିଆପଡ଼ା ବ୍ଲକ କେ. ବରିଡ଼ା ପଞ୍ଚାୟତର ନିମିନା ଗ୍ରାମର ଏକ ପରିତ୍ୟକ୍ତ ଘରୁ ସୁମଣ୍ଡଳ ବନ ବିଭାଗ ପକ୍ଷରୁ କାଠ ଓ ପଟା ଜବତ କରାଯାଇଛି। ଖବର ପାଇ ବନ କର୍ମଚାରୀ ଓ ବେଗୁନିଆପଡ଼ା ପୋଲିସ ଉକ୍ତ ଗ୍ରାମରେ ଚଢ଼ାଉ କରି କାଠ ଓ ପଟା ଜବତ କରି ଖଲ୍ଲିକୋଟ ରେଞ୍ଜ କାର୍ଯ୍ୟାଳୟକୁ ନେଇଥିଲେ। ଏହି କାଠ କାହାର ଜଣାପଡିନାହିଁ। ଉକ୍ତ ପରିତ୍ୟକ୍ତ ଘର ମଧ୍ୟରୁ ଶାଗୁଆନ, ଆକାଶିଆ, ଫାଶି, କାକପୋଇ ଆଦି କାଠ ଓ ପଟା ପ୍ରାୟ ୧୫ ସିଏଫଟି ହେବ ବୋଲି ବନ କର୍ମଚାରୀ କହିଛନ୍ତି।

### ସାଇକେଲରୁ ପଡ଼ି ବୃଦ୍ଧ ମୃତ

ଗଞ୍ଜାମ,୨୭।୭(ଡି.ଏନ.ଏ.): ଗଞ୍ଜାମ ବ୍ଲକ ବ୍ରାହ୍ମଣ ଢ଼ାମଣା ସାହିର ଜଣେ ବ୍ୟକ୍ତି ଶନିବାର ସାଇକେଲରୁ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଅବସରପ୍ରାପ୍ତ ରେଲୱେ କର୍ମଚାରୀ ନିତ୍ୟାନନ୍ଦ ବାରିକ (୬୫)। ସେ ପୂର୍ବାହ୍ନରେ କୌଣସି କାମରେ ସାଇକେଲ ଯୋଗେ ଯାଉଥିବା ବେଳେ ହଠାତ୍ ଖସି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଛତ୍ରପୁର ମେଡିକାଲ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

■ ଆଜିଠାରୁ ମାଓବାଦୀଙ୍କ ଶହୀଦ ସପ୍ତାହ

# ବ୍ରହ୍ମପୁରରୁ ୪ ରୁଟ୍‌ରେ ବସ୍ ବନ୍ଦ

ବ୍ରହ୍ମପୁର ଅଫିସ,୨୭।୭

ରବିବାରରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ମାଓବାଦୀଙ୍କ ପକ୍ଷରୁ ଶହୀଦ ସପ୍ତାହ ପାଳନ କରାଯାଉଛି। ସରକାରୀ ଗାଡ଼ିଗୁଡ଼ିକୁ ମାଓବାଦୀମାନେ ଜାଳି ଦେଉଥିବା ନଜିର ରହିଛି। ଏହାକୁ ଦୃଷ୍ଟିରେ ରଖି ସତର୍କ ହୋଇଛି ଓଡିଶା ରାଜ୍ୟ ସଡକ ପରିବହନ ନିଗମ (ଓଏସ୍‌ଆରଟିସି)। ରବିବାରରୁ ୪ଟି ରୁଟ୍ ବସ୍ ଚଳାଚଳ ବନ୍ଦ ରହିବ। ବ୍ରହ୍ମପୁର-ବାଲିମେଳା, ବ୍ରହ୍ମପୁର-ଉମରକୋଟ, ବ୍ରହ୍ମପୁର-ରାୟଗଡ଼ା ଓ ବ୍ରହ୍ମପୁର-ଭବାନୀପାଟଣା ବସ୍ ଉଭୟପଟୁ ଚଳାଚଳ ବନ୍ଦ କରି ଦିଆଯାଇଛି। ଅନ୍ୟପଟେ ଭଞ୍ଜନଗର- ମାଲକାନଗିରି ୨ଟି, ଭଞ୍ଜନଗର-ସୁନାବେଡ଼ା ଗୋଟିଏ, ଭଞ୍ଜନଗର-ଇନ୍ଦ୍ରାବତୀ ଗୋଟିଏ ଓ ଭୁବନେଶ୍ୱର-ମୋଟୁ, ଭୁବନେଶ୍ୱର-ମାଲକାନଗିରି ଓ କଟକ- ଚିତ୍ରକୋଣ୍ଡା ଯାଉଥିବା ଉଭୟପଟର ବସ୍ ଚଳାଚଳକୁ ଓଏସ୍‌ଆରଟିସି ତରଫରୁ ସପ୍ତାହେ ପର୍ଯ୍ୟନ୍ତ ବନ୍ଦକରି ଦିଆଯାଇଥିବା ବିଭାଗ ସୂତ୍ରରୁ ପ୍ରକାଶ। ତେବେ ଘରୋଇ ବସ୍‌ଗୁଡ଼ିକ ଚଳାଚଳ କରୁଥିବା ସୂଚନା ମିଳିଛି । ଅନ୍ୟପଟେ ପୋଲିସ ତରଫରୁ ଏନେଇ ମାଲିକମାନଙ୍କୁ ବସ୍ ଚଳାଚଳ ବନ୍ଦ ନ କରିବାକୁ ନିବେଦନ କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ବ୍ୟାପକ ପାଟ୍ରୋଲିଂ ଚାଲିଥିବା ଯୋଗୁ ଭୟଭୀତ ନ ହୋଇ ବସ୍ ଚଳାଚଳ ସ୍ୱାଭାବିକ କରିବାକୁ ପୋଲିସ ପକ୍ଷରୁ କୁହାଯାଇଛି। ତଥାପି ସରକାରୀ ବସ୍‌ଗୁଡ଼ିକ ହିଂସା ଭୟରେ ବନ୍ଦ ରହୁଛି । ଫଳରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯାତାୟାତ ବାଧାପ୍ରାପ୍ତ ହେବା ସହ ଯାତ୍ରୀମାନେ ନାନା ହଇରାଣ ହେବାର ଆଶଙ୍କା ଦେଖାଦେଇଛି।

ସୂଚନାଯୋଗ୍ୟ, ୨୦୦୦ରେ ମାଓବାଦୀ ସଂଗଠନ ତରଫରୁ ପିପୁଲ ଲିବେରେଶନ ଗରିଲା ଆର୍ମି (ପିଏଲଓ) ସ୍ଥାପନ କରାଯାଇଥିଲା। ଏହା ପରଠୁ ବିଭିନ୍ନ ସମୟରେ ମାଓବାଦୀମାନେ ପିଏଲଓ ସପ୍ତାହ ଡ଼ାକରା ଦେଇଛନ୍ତି। ସପ୍ତାହ ପାଳନ ବେଳେ ଅନେକ ସ୍ଥାନରେ ବ୍ୟାପକ ହିଂସା ଦେଖିବାକୁ ମିଳିଥିଲା। ଏପରିକି ମାଓବାଦୀମାନେ ସରକାରୀ ସମ୍ପତ୍ତି ଧ୍ୱଂସ କରି ଦେଉଛନ୍ତି । ଶହୀଦ ସପ୍ତାହ ପାଳନ ବେଳେ ମାଓବାଦୀମାନେ ରାସ୍ତା କାଟିବା ସହ ଏହା ଉପରେ ଗଛ ପକାଇ ଦେଇଥାନ୍ତି। ଫଳରେ ବସ୍ ଚଳାଚଳ ବାଧାପ୍ରାପ୍ତ ହୋଇପାରେ। ଏହିସବୁକୁ ଦୃଷ୍ଟିରେ ରଖି ବସ୍ ଚଳାଚଳ ବନ୍ଦ ରଖାଯାଇଥାଏ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୨୮।୭।୨୦୧୯ (ରବିବାର)**

- ସଙ୍ଗୀତ ପ୍ରତିଯୋଗିତା। ସ୍ଥାନ-ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମୟ-ସକାଳ ୯ଟା।
- ବିଜୁ ପଟ୍ଟନାୟକ ସିନିୟର ସିଟିଜେନ୍ ଫୋରମ୍‌ର ତ୍ରୟୋଦଶ ସମ୍ମିଳନୀ। ସ୍ଥାନ-ବିଜୁ ପଟ୍ଟନାୟକ ସଂସ୍କୃତି ଭବନ, ସମୟ-ପୂର୍ବାହ୍ନ ୧୧ଟା।
- ରକ୍ତଦାନ ଶିବିର। ସ୍ଥାନ-ନୂଆ ଆସ୍ଥା ହସ୍ପିଟାଲ୍, ଭାବାନଗର, ସମୟ-ପୂର୍ବାହ୍ନ ୧୦ଟା ୩୦ ମିନିଟ୍।।
- ସ୍ୱାସ୍ଥ୍ୟ ସଚେତନତା ଶିବିର। ସ୍ଥାନ-ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଦିଗପହଣ୍ଡି ଶାଖା, ସମୟ- ସକାଳ ୮ଟା ୩୦ ମିନିଟ୍।
- ଭଜନ ସନ୍ଧ୍ୟା।। ସ୍ଥାନ- ମା' ବାଙ୍କେଶ୍ୱରୀ ମନ୍ଦିର (ଖୋଲଖାଲି), ସମୟ- ଅପରାହ୍ନ ୪ଟା।
- ଆମ ପୋଲିସ ସମିତି ବୈଠକ। ସ୍ଥାନ-ବୁଗୁଡ଼ା ଥାନା କାର୍ଯ୍ୟାଳୟ, ସମୟ-ଅପରାହ୍ନ ୪ଟା।
- ଗୁରୁ ଦକ୍ଷିଣା ଉତ୍ସବ। ସ୍ଥାନ- ପାଟଖଣ୍ଡା ମନ୍ଦିର ସଭାଗୃହ ବାଲିଗୁଡ଼ା, ସମୟ-ଅପରାହ୍ନ ୩ଟା

**୨୯।୭।୨୦୧୯ (ସୋମବାର)**

- ହେପାଟାଇଟିସ୍ ରୋଗର କାରଣ ଓ ନିରାକରଣ ସଚେତନତା ସମ୍ପର୍କିତ ଆଲୋଚନା। ସ୍ଥାନ- ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୧ଟା।
- ସ୍ୱାସ୍ଥ୍ୟ ସୁପର ଭାଇଜରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମୀକ୍ଷା ବୈଠକ। ସ୍ଥାନ- ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭାଗୃହ, ସମୟ- ଅପରାହ୍ନ ୩ଟା।
- ଶୌଚାଳୟ ନିର୍ମାଣ କାର୍ଯ୍ୟ ଅଗ୍ରଗତି ପାଇଁ ସମୀକ୍ଷା କାର୍ଯ୍ୟକ୍ରମ। ସ୍ଥାନ- ଦିଗପହଣ୍ଡି ବ୍ଲକ ୨୫ ପଞ୍ଚାୟତ କାର୍ଯ୍ୟାଳୟ, ସମୟ-ପୂର୍ବାହ୍ନ ୧୧ଟା।
- କୃଷକ ତାଲିମ ଶିବିର। ସ୍ଥାନ- ବୁଗୁଡ଼ା କୃଷି କାର୍ଯ୍ୟାଳୟ ସଭାଗୃହ, ସମୟ- ପୂର୍ବାହ୍ନ ୧୦ଟା।
- ଗ୍ରାମ ସଭା। ସ୍ଥାନ- କଳମ୍ଭ, ଖୋଲଖାଲି, ତାକରଡ଼ା, ଭଗବାନପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ- ପୂର୍ବାହ୍ନ ୧୧ଟା।
- ସୂଚନା ଅଧିକାର ଆଇନ ସଂଶୋଧନ ପ୍ରତିବାଦରେ ବିକ୍ଷୋଭ। ସ୍ଥାନ-ଖଲ୍ଲିକୋଟ କଲେଜ ରାସ୍ତା, ସମୟ-ପୂର୍ବାହ୍ନ ୧୦ଟା ୩୦ ମିନିଟ୍
- ଗ୍ରାମୀଣ ମହିଳାମାନଙ୍କ ଛତୁଚାଷ ତାଲିମ ଶିବିର। ସ୍ଥାନ- କିରାମାହା, ଜି.ଉଦୟଗିରିର, ସମୟ- ପୂର୍ବାହ୍ନ ୧୦ଟା।

**୩୦।୭।୨୦୧୯ (ମଙ୍ଗଳବାର)**

- ଶିଶୁ ଓ ପ୍ରସୂତିଙ୍କ ପାଇଁ ମମତା ଦିବସ ସଚେତନତା କାର୍ଯ୍ୟକ୍ରମ। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ୨୫ ଉପସ୍ୱାସ୍ଥ୍ୟକେନ୍ଦ୍ର ସମୟ-ସକାଳ ୯ଟା।
- ଆଶାକର୍ମୀଙ୍କ କାର୍ଯ୍ୟକ୍ରମ ସମ୍ପର୍କିତ ସମୀକ୍ଷା। ସ୍ଥାନ- ତଲାସିଙ୍ଗି, ଭାଷ୍କଗିରି ଓ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର ସମୟ- ପୂର୍ବାହ୍ନ ୧୦ଟା।
- ମାସିକ ସାହିତ୍ୟ ଆସର। ସ୍ଥାନ-ଗଞ୍ଜାମ କଳାପରିଷଦ, ସମୟ-ସନ୍ଧ୍ୟା ୬ ଟା ୩୦ ମିନିଟ୍
- ଏଆଇକେଏମ୍‌ଏସ୍‌ର ଜାତୀୟ ସାଧାରଣ ପରିଷଦ। ସ୍ଥାନ-ପ୍ରକାଶମ୍ ହଲ୍, ସମୟ-ପୂର୍ବାହ୍ନ ୧୦ଟା।
- ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପନ। ସ୍ଥାନ- ତାଳଶକର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ-ଅପରାହ୍ନ ୨ଟା।
- ପତଞ୍ଜଳି ଯୋଗ ସମିତିର ବ୍ଲକ ସ୍ତରୀୟ ବୈଠକ। ସ୍ଥାନ- ଧବଳେଶ୍ୱର ମନ୍ଦିର ପରିସର, ଜି.ଉଦୟଗିରି, ସମୟ-ସକାଳ ୬ଟା।

**୩୧।୭।୨୦୧୯ (ବୁଧବାର)**

- ତାଲୁକା ଆଇନ ସହାୟତା କମିଟି ପକ୍ଷରୁ ବାଧ୍ୟତା ମୂଳକ ଶିକ୍ଷାଧିକାର ଆଇନ ସମ୍ପର୍କିତ ସଚେତନତା ସଭା। ସ୍ଥାନ-ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କୋଟିନଡ଼ା, ଦିଗପହଣ୍ଡି, ସମୟ- ଅପରାହ୍ନ ୩ଟା।
- ଶିଶୁ ଓ ଗର୍ଭବତୀଙ୍କୁ ଟିକାକରଣ କାର୍ଯ୍ୟକ୍ରମ। ସ୍ଥାନ- ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ-ସକାଳ ୯ଟା।
- ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପନ। ସ୍ଥାନ- ତାକରଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସମୟ-ଅପରାହ୍ନ ୨ଟା।
- ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ। ସ୍ଥାନ- ଉପଜିଲାପାଳ ସମ୍ମିଳନୀ କକ୍ଷ ବାଲିଗୁଡ଼ା, ସମୟ- ଅପରାହ୍ନ ୪ଟା।
- ଶ୍ରୀଶ୍ରୀ ବଡ଼ମା'ଙ୍କ ୧୨୬ତମ ଜନ୍ମୋତ୍ସବ। ସ୍ଥାନ- ସତ୍‌ସଙ୍ଗକେନ୍ଦ୍ର ପରିସର, ବାଲିଗୁଡ଼ା, ସମୟ- ସନ୍ଧ୍ୟା ୭ଟା ୩୦ ମିନିଟ୍

**୧।୮।୨୦୧୯ (ଗୁରୁବାର)**

- ଅଣ ସଂକ୍ରାମକ ରୋଗର ପରୀକ୍ଷା ଓ ପରାମର୍ଶ ଶିବିର। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ସମସ୍ତ ୨୫ଟି ଉପସ୍ୱାସ୍ଥ୍ୟକେନ୍ଦ୍ର ସମୟ-ସକାଳ ୯ଟା।
- ସେକ୍ଟରସ୍ତରୀୟ ସ୍ୱାସ୍ଥ୍ୟକର୍ମୀଙ୍କ କାର୍ଯ୍ୟାବଳୀ ସମୀକ୍ଷା। ସ୍ଥାନ- ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭାଗୃହ, ସମୟ-ପୂର୍ବାହ୍ନ ୧୧ଟା।
- ରାମଲିଙ୍ଗ ଚୌଡ଼େଶ୍ୱରୀ ମା'ଙ୍କ ଦେବସ୍ତାନ। ସ୍ଥାନ-ମାର୍ଥାପେଟାସାହି ସିଦ୍ଧେଶ୍ୱର ସ୍ୱାମୀ କଲ୍ୟାଣ ମଣ୍ଡପ, ସମୟ-ସକାଳ ୬ଟା ।

**୨।୮।୨୦୧୯ (ଶୁକ୍ରବାର)**

- ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ସଚେତନତା କାର୍ଯ୍ୟକ୍ରମ। ସ୍ଥାନ- ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ସମୟ- ପୂର୍ବାହ୍ନ ୧୧ଟା।
- ଗର୍ଭବତୀଙ୍କ ଏଚ୍‌ଆଇଭି ପରୀକ୍ଷା ଓ ମମତା ଦିବସ ସଚେତନତା। ସ୍ଥାନ-ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ-ସକାଳ ୯ଟା।
- ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର। ସ୍ଥାନ- ଭାମ ଶିଆଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ- ପୂର୍ବାହ୍ନ ୧୦ଟା।

**୩।୮।୨୦୧୯ (ଶନିବାର)**

- ବ୍ଲକସ୍ତରୀୟ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅଗ୍ରଗତି ପାଇଁ ସମୀକ୍ଷା ବୈଠକ। ସ୍ଥାନ-ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷ, ସମୟ-ଅପରାହ୍ନ ୩ଟା।
- ଅଭିଭାବକ ବୈଠକ। ସ୍ଥାନ- ନ୍ୟୁଏରା ପବ୍ଲିକ ସ୍କୁଲ ସମୟ- ଅପରାହ୍ନ ୩ଟା।

# କେସି ହାଇସ୍କୁଲରେ ଚାରାରୋପଣ



ଅତିଥିଙ୍କ ଦ୍ୱାରା ଚାରାରୋପଣ କରାଯାଉଛି ।

ବ୍ରହ୍ମପୁର ଅଫିସ୍,୨୭।୭

କେ.ସି. ହାଇସ୍କୁଲରେ ଶନିବାର ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ଇଷ୍ଟ ଏବଂ ଇନର୍‌ହ୍ୱିଲ୍ କ୍ଲବ ଅଫ୍ ବ୍ରହ୍ମପୁର ଇଷ୍ଟ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହକାରୀ ବନ ସଂରକ୍ଷକ ଅଶୋକ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ ଏବଂ ତା'ର ଯତ୍ନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ରୋଟାରୀ ଇଷ୍ଟର ସଭାପତି ପ୍ରଦୀପ କୁମାର ପଣ୍ଡା, ଇନର୍‌ହ୍ୱିଲ୍ କ୍ଲବ ସଭାନେତ୍ରୀ ସବିତା ପଟ୍ଟନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ। ପ୍ରଦୀପ୍ତ ପଟ୍ଟନାୟକ ଅତିଥିମାନଙ୍କ ସମ୍ପର୍କରେ ସୂଚନା ଦେଇଥିଲେ । କେ.ସି. ହାଇସ୍କୁଲ ପ୍ରଧାନ ଶିକ୍ଷକ ଏଏସ୍‌କେ. ବର୍ମା ଏଥିରେ ଅଧ୍ୟକ୍ଷତା କରିଥିଲେ । ଅଜିତ ପୃଷ୍ଟି, ସୁମିତ ପଟ୍ଟନାୟକ, କୁଶ ପାତ୍ର, ଲିଙ୍ଗରାଜ ନାୟକ, ଜୟନ୍ତ ପାତ୍ର, ଧନ୍ୱନ୍ତରୀ ରାଓ, ରାଜେଶ୍ୱର ରାଓ ଏବଂ ପ୍ରମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଏନ୍‌ସିସି ପକ୍ଷରୁ କାରଗିଲ୍ ବିଜୟ ଦିବସ

ବ୍ରହ୍ମପୁର ଅଫିସ୍,୨୭।୭

ଆଙ୍କୁଶପୁରସ୍ଥିତ ଏସ୍‌ଏମ୍‌ଆଇଟିରେ ଚାଲିଥିବା ମିଳିତ ବାର୍ଷିକ ପ୍ରଶିକ୍ଷଣ ଶିବିରରେ କାରଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କ୍ୟାମ୍ପ କମାଣ୍ଡାଣ୍ଟ କର୍ଣ୍ଣେଲ୍ ଚନ୍ଦନ ଝା ଏହାକୁ ଉଦ୍‌ଘାଟନ କରିଥିଲେ । ସିଟି କଲେଜ, ଉମା ଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ, ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ ଏନ୍‌ସିସି ଆର୍ମି ୱିଙ୍ଗ୍ କ୍ୟାଡେଟ୍‌ମାନେ ଏଥିରେ ଭାଗ ନେଇଥିଲେ। ପୋଷ୍ଟର ମେକିଂ, ବକ୍ତୃତା ଓ ପ୍ରବନ୍ଧ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । କାରଗିଲ୍ ଯୁଦ୍ଧ ଏବଂ ଏଥିରେ ବୀର ସୈନିକଙ୍କ ବୀରତ୍ୱଗାଥା କ୍ୟାଡେଟ୍‌ମାନଙ୍କ ହୃଦୟରେ ଦେଶାତ୍ମବୋଧ ଜାଗ୍ରତ କରିଥିଲା। କର୍ଣ୍ଣେଲ୍ ଚନ୍ଦନ ଝା ଯୁଦ୍ଧ ଓ ଏହାର ବିଜୟ ସମ୍ପର୍କରେ କ୍ୟାଡେଟ୍‌ମାନଙ୍କୁ କହିଥିଲେ।

# ସୁନା ଅଳଙ୍କାର ଲୁଟ୍ ଘଟଣା: ୨୪ ଘଣ୍ଟା ପରେ ବି ମିଳୁନି ସୁରାକ

ବ୍ରହ୍ମପୁର ଅଫିସ,୨୭।୭

ଟାଉନ ଥାନା ଅନ୍ତର୍ଗତ ଗିରି ମାର୍କେଟ ଛକରେ ବିଜିପୁର ବୋଡିଙ୍ଗ ସାହିର ଏସ୍. ରାମକୃଷ୍ଣ ପାତ୍ରଙ୍କ ବାଇକ୍ ଡିକିରୁ ପ୍ରାୟ ୪ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟ୍ ଘଟଣାର ୨୪ ଘଣ୍ଟା ପରେ ବି ପୋଲିସକୁ ସୁରାକ ମିଳିନି। ଏଭଳି ଘଟଣା ଏବେ ପୋଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି। ପୋଲିସ ଏହି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ ଚଳାଇଛି। କିନ୍ତୁ ସେଭଳି କିଛି ସୁରାକ ମିଳି ନ ଥିବା ପୋଲିସ କହିଛି। ସେହିପରି ଦୁର୍ବୃତ୍ତମାନେ ରାମକୃଷ୍ଣଙ୍କର ଏକ ମୋବାଇଲ ଫୋନ ମଧ୍ୟ ଚୋରିକରି ନେଇଛନ୍ତି। ସେହି ମୋବାଇଲ ଫୋନ ନମ୍ବରକୁ ଏବେ ପୋଲିସ ଟ୍ରାକିଂ କରୁଛି। ହେଲେ ତାହା ବନ୍ଦ ରହିଥିବାରୁ ଦୁର୍ବୃତ୍ତଙ୍କ ପତ୍ତା ପାଇବାରେ ଅସୁବିଧା ହେଉଥିବା ଜଣାପଡ଼ିଛି। ପ୍ରକାଶଯେ, ରାମକୃଷ୍ଣ ବାଙ୍ଗାଲୋରରେ ବ୍ୟବସାୟ କରୁଛନ୍ତି। ଗତ କିଛିଦିନ ତଳେ ସେ ବ୍ରହ୍ମପୁର ଆସିଥିଲେ। ଶୁକ୍ରବାର ସନ୍ଧ୍ୟାରେ ସେ ବାଇକ୍‌ରେ ସ୍ତ୍ରୀଙ୍କ ସହ ସୁନା ଅଳଙ୍କାର କିଣିବା ପାଇଁ ବଡବଜାରରେ ଥିବା ଗହଣା ଦୋକାନକୁ ଯାଇଥିଲେ। ସେଠାରୁ ପ୍ରାୟ ୪ ଲକ୍ଷ ଟଙ୍କାର ଅଳଙ୍କାର ସେ କିଣିଥିଲେ। ରାତି ୯ଟା ବେଳେ ସେ ଅଳଙ୍କାର ଥିବା ବ୍ୟାଗଟି ଗାଡି ଡ଼ିକିରେ ରଖିଥିଲେ। ସେମାନେ ଘରକୁ ଫେରୁଥିବା ବେଳେ ଏକ ତାଲା କିଣିବା ପାଇଁ ଗିରି ମାର୍କେଟ ଛକରେ ଥିବା ହାର୍ଡୱେୟାର ଦୋକାନକୁ ଯାଇଥିଲେ। କିଛି ସମୟ ପରେ ସେମାନେ ଗାଡି ନିକଟରେ ପହଞ୍ଚିଥିଲେ। ଡିକି ଖୋଲାଥିବା ବେଳେ ଅଳଙ୍କାର ଥିବା ବ୍ୟାଗଟି ଚୋରି ଥିବା ଦେଖିବାକୁ ପାଇଥିଲେ। ପରେ ସେ ଟାଉନ ଥାନାରେ ଏତଲା ଦେଇଥିଲେ। ନଂ. ୧୪୭/୧୯ରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା କହିଛି।

# ୩ ଜୁଆଡ଼ି ଗିରଫ, ଟଙ୍କା ଜବତ

ବ୍ରହ୍ମପୁର ଅଫିସ,୨୭।୭

ସଦର ଥାନା ପୋଲିସ ଶୁକ୍ରବାର ରାତିରେ ଏକ ଜୁଆ ଆଡ୍ଡା ଉପରେ ଚଢାଉ କରି ୩ ଜଣଙ୍କୁ ଗିରଫ କରିଛି । ଲୋଚାପଡା ବିଶ୍ୱକର୍ମା ସାହିର ଏକ ଖୋଲା ପଡ଼ିଆରେ ଜୁଆ ଖେଳ ଚାଲିଥିବା ଖବର ପାଇ ପୋଲିସ ଚଢଉ କରିଥିଲା। ଗିରଫ ଜୁଆଡ଼ି ହେଲେ ଲୋଚପଡା ଅଞ୍ଚଳର କେଶବ ସାହୁ, ସନ୍ତୋଷ ପ୍ରଧାନ ଓ ଆଶିଷ କୁମାର ଦୋରା। ଚଢାଉ ବେଳେ ୪/୫ ଜଣ ଜୁଆଡ଼ି ଫେରାର ହୋଇଯାଇଥିବା ପୋଲିସ କହିଛି। ଘଟଣାସ୍ଥଳରୁ ପୋଲିସ ୩୧୫୦ ଟଙ୍କା ଓ ଖେଳ ସରଞ୍ଜାମ ଜବତ କରିଥିବା ଥାନାଧିକାରୀ ଭାବନାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। ମାମଲା ନଂ. ୧୮୪/୧୯ ରେ ଜୁଆଡ଼ିମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି ।

# ଅର୍ଥୋପେଡିକ୍ସ କ୍ଲବର ବାର୍ଷିକ ସମ୍ମିଳନୀ



ଡା. ଅରବିନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ବ୍ରହ୍ମପୁର ଅଫିସ୍,୨୭।୭

ସ୍ଥାନୀୟ ଏକ ହୋଟେଲ୍‌ରେ ଶନିବାର ସନ୍ଧ୍ୟାରେ ଅର୍ଥୋପେଡିକ୍ସ କ୍ଲବର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଫେସର ଡା. ଅବନୀକାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡା. ରାଧାମାଧବତ୍ରିପାଠୀ ଯୋଗ ଦେଇଥିଲେ। ପ୍ରଫେସର ଡା. କେ.ଏମ୍.ପାଠୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସଂଘ ସମ୍ପାଦକ ଡା. ଶଙ୍କର୍ଷଣ ପାତ୍ର ବିବରଣୀ ପାଠ କରିଥିଲେ। ରାଜ୍ୟର ବିଭିନ୍ନ ସହରରୁ ଆସିଥିବା ବିଶେଷଜ୍ଞମାନେ ସନ୍ଦର୍ଭ ପାଠ କରିଥିଲେ। ବାର୍ଡ଼ ହସ୍‌ପିଟାଲ ପ୍ରଫେସର ଡା. ଜଗଦୀଶ ଏବଂ ନିମ୍‌ସ ହାଇଦ୍ରାବାଦ୍‌ର ଡା. ଅରବିନ୍ଦ ଏଥିରେ ଯୋଗଦେଇ ଆଧୁନିକ ଚିକିତ୍ସା ପଦ୍ଧତି ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ କ୍ଲବ ମୁଖପତ୍ରକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଶେଷରେ ସଂଘ ପରିଚାଳନା ସମ୍ପାଦକ ଡା. ସୌଭାଗ୍ୟ କୁମାର ହୋତା ଧନ୍ୟବାଦ ଦେଇଥିଲେ ।

■ ବିଇଡି ପରୀକ୍ଷା ଘୁଞ୍ଚାଇବାକୁ ଦାବି

# କୁଳସଚିବଙ୍କୁ ଛାତ୍ରୀଛାତ୍ରଙ୍କ ଦାବିପତ୍ର

ବ୍ରହ୍ମପୁର ଅଫିସ,୨୭।୭


ଛାତ୍ରୀଛାତ୍ରମାନେ କୁଳସଚିବ, ପରୀକ୍ଷା ନିୟନ୍ତ୍ରକଙ୍କ ସହ ଆଲୋଚନା କରୁଛନ୍ତି ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବିଇଡି ମହାବିଦ୍ୟାଳୟଗୁଡିକର ଦ୍ୱିତୀୟ ବର୍ଷ ପରୀକ୍ଷା ତାରିଖ ଘୁଞ୍ଚାଇବାକୁ ଦାବି ହୋଇଛି। ଏନେଇ ଶନିବାର ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ବିଭିନ୍ନ ବିଇଡି କଲେଜ ଛାତ୍ରୀଛାତ୍ରମାନେ କୁଳସଚିବ ରଞ୍ଜନ ବିଶ୍ୱାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଗଷ୍ଟ ୫ ରୁ ୨୪ ତାରିଖ ପର୍ଯ୍ୟନ୍ତ ବିଇଡି ପରୀକ୍ଷା କରାଯିବାକୁ ବିଶ୍ୱବିଦ୍ୟାଳୟ ନିଷ୍ପତ୍ତି ନେଇଛି । କିନ୍ତୁ ଏକା ସମୟ ଅର୍ଥାତ୍ ଆସନ୍ତା ୫ ରୁ ୧୪ତାରିଖ ପର୍ଯ୍ୟନ୍ତ ଓଟିଇଟି ପରୀକ୍ଷା ହେବା ନେଇ ସୂଚନା ମିଳିଛି ।

ସେଥିମଧ୍ୟରେ ୪ ଦିନରେ ଏକା ସମୟରେ ବିଇଡି ଓ ଓଟିଇଟିର ପରୀକ୍ଷା ରହୁଛି। ଫଳରେ ଛାତ୍ରୀଛାତ୍ରମାନେ ଦ୍ୱନ୍ଦ୍ୱରେ ପଡିଥିବା ସେମାନେ କହିଛନ୍ତି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ବିଇଡି ପରୀକ୍ଷା ଅନୁଷ୍ଠିତ ହେଲେ ଅନେକ ଛାତ୍ରୀଛାତ୍ର ଓଟିଇଟିରୁ ବଞ୍ଚିତ ହେବେ ବୋଲି ଛାତ୍ରୀଛାତ୍ରମାନେ କୁଳସଚିବ ରଞ୍ଜନ ବିଶ୍ୱାଳ ଓ ପରୀକ୍ଷା ନିୟନ୍ତ୍ରକ ସୁରେନ୍ଦ୍ର ସେଠୀଙ୍କୁ ଜଣାଇଛନ୍ତି । ଏହାକୁ ଦୃଷ୍ଟିରେ ରଖି ବିଇଡି ଦ୍ୱିତୀୟ ବର୍ଷ ପରୀକ୍ଷାକୁ ଘୁଞ୍ଚାଇବାକୁ ସେମାନେ ଦାବି କରିଛନ୍ତି। ପରୀକ୍ଷା ନିୟନ୍ତ୍ରଣ କମିଟି ସହ ଏନେଇ ଆଲୋଚନା କରାଯାଇ ଅଗଷ୍ଟ ୧ ସୁଦ୍ଧା ତାରିଖ ଘୁଞ୍ଚାଇବା ଦିଗରେ ପଦକ୍ଷେପ ନିଆଯିବ ବୋଲି ପରୀକ୍ଷା ନିୟନ୍ତ୍ରକ ସେଠୀ ସୂଚାଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଡିଏସ୍‌ଓ ରାଜ୍ୟ ଉପସଭାପତି ସୋମନାଥ ବେହେରାଙ୍କ ସମେତ କନିଷିର ଦିବାକର ପଟ୍ଟନାୟକ ବିଇଡି କଲେଜ, ଫୁଲବାଣୀ ଜିଟିଟିସି ବିଇଡି କଲେଜ, କଳିଙ୍ଗା ବିଇଡି କଲେଜ, କୋରାପୁଟ ବିଇଡି କଲେଜ, ଭଞ୍ଜନଗର ବିଇଡି କଲେଜ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

# ମତ୍ସ୍ୟ ଜେଟି ମୁହାଣ ଖନନ ଦାବିରେ ମତ୍ସ୍ୟଜୀବୀଙ୍କ ଆନ୍ଦୋଳନ

**ଛତ୍ରପୁର,୨୭।୭(ଡି.ଏନ.ଏ)**

ଗୋପାଳପୁର ପୋର୍ଟ ପରିସରରେ ଥିବା ମତ୍ସ୍ୟ ଜେଟି ମୁହାଣ ଖନନ ଦାବିରେ ଶନିବାରରୁ ମତ୍ସ୍ୟଜୀବୀମାନଙ୍କ ପକ୍ଷରୁ ଧାରଣା ଦିଆଯିବା ସହ ଆନ୍ଦୋଳନ ଆରମ୍ଭ ହୋଇଛି । ଗୋପାଳପୁର ପୋର୍ଟ ପରିସରରେ ଥିବା ଫିଶେରି ଜେଟି ମୁହାଣ ବାଲି ଦ୍ୱାରା ପୋତି ହୋଇଯାଇଛି। ଫଳରେ ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜୀବୀମାନଙ୍କର ଡଙ୍ଗାଗୁଡିକ ସମୁଦ୍ରକୁ ଯିବା ଆସିବାରେ ବହୁତ ଅସୁବିଧା ହେଉଛି । ଡଙ୍ଗାଗୁଡିକ ପଥର ଉପରେ ବାଡେଇ ହୋଇ ଭାଙ୍ଗିଯିବା ସହ ଜାଲ ଓ ଇଞ୍ଜିନ୍‌ଗୁଡିକ ନଷ୍ଟ ହେଉଥିବା ସ୍ଥାନୀୟ ମତ୍ସ୍ୟଜୀବୀମାନେ ଅଭିଯୋଗ କରିଛନ୍ତି। ଫଳରେ ମତ୍ସ୍ୟଜୀବୀମାନଙ୍କ ଜୀବନ ଜୀବିକା ବିଶେଷ ଭାବେ ପ୍ରଭାବିତ ହେଉଛି । ଏପରିକି କେତେକ ମତ୍ସ୍ୟଜୀବୀ ନିଜର ଭିଟାମାଟି ଛାଡି ଅନ୍ୟ ରାଜ୍ୟଗୁଡ଼ିକୁ ଯାଇ ସେଠାରେ କାମ କରିଛନ୍ତି। ଏଥିସହ ବିଭିନ୍ନ ସମୟରେ କେତେକ ମତ୍ସ୍ୟଜୀବୀଙ୍କର ମୃତ୍ୟୁ ଖବର ମଧ୍ୟ ଏଠାକୁ ଆସୁଛି । ଏନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି ସୁଫଳ ମିଳୁନି । ଚଳିତ ମାସ ୧୮ ତାରିଖରେ ଏହି ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କୁ ଲିଖିତ ଭାବେ ସାନ ଆର୍ଯ୍ୟପଲ୍ଲୀସ୍ଥିତ ଶ୍ରୀ ମୁତ୍ୟାଲୁପୋଲାମ୍ମା ଗ୍ରାମ୍ୟ କମିଟି ପକ୍ଷରୁ ଅବଗତ କରାଯାଇଥିଲା । ୭ ଦିନ ମଧ୍ୟରେ ଏହାର ସମାଧାନ ନ ହେଲେ ମତ୍ସ୍ୟଜୀବୀମାନଙ୍କ ପକ୍ଷରୁ ଗଣଆନ୍ଦୋଳନ କରାଯିବ ବୋଲି ଲିଖିତ ଭାବେ ଜଣାଇ ଦିଆଯାଇଥିଲା । ଏହାପରେ ମଧ୍ୟ ସମସ୍ୟା ସମାଧାନ ନ ହେବାରୁ ଶନିବାରରୁ ପୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇ ଆନ୍ଦୋଳନ ଆରମ୍ଭ ହୋଇଛି । ଏଥିରେ ବି.ଭୀମସେନ୍, କମିଟି ସଭାପତି ଏନ୍. ନାନେୟା, ବିଜେଡି ନେତା ଏମ୍. ଦିଲୀପ, ସମ୍ପାଦକ ଏମ୍.ଏରେୟା, ପି. ଏରେୟା, ବି. ଲାଛେୟା, କୋଷାଧ୍ୟକ୍ଷ ପି. ତାତେୟାଙ୍କ ସମେତ ଗୋପାଳପୁର, ବଡ ଆର୍ଯ୍ୟପଲ୍ଲୀ, ସାନ ଆର୍ଯ୍ୟପଲ୍ଲୀ, ରେ କଟ୍ଟୁରୁ, କଣ୍ଡରା ଆର୍ଯ୍ୟପଲ୍ଲୀ, ବନ୍ଦର, ବକ୍ସିପଲ୍ଲୀ ଆଦି ଗାଁର ମତ୍ସ୍ୟଜୀବୀମାନେ ସାମିଲ ଥିଲେ ।


ପୋର୍ଟ ଆଗରେ ଆନ୍ଦୋଳନ ଚାଲିଛି ।

## ସଂକ୍ଷେପରେ

### ନିଖୋଜ ନାବାଳିକା ୭ ଦିନ ପରେ ଉଦ୍ଧାର

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୨୭।୭ (ଡି.ଏନ.ଏ.):** ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ମାର୍ଦ୍ଧିପଙ୍କା ଅଞ୍ଚଳରୁ ନିଖୋଜ ନାବାଳିକାଙ୍କୁ ୭ଦିନ ପରେ ବ୍ରାହ୍ମଣୀଗାଁ ପୋଲିସ ଶନିବାର ଦାରିଙ୍ଗବାଡ଼ି ଚାରିଛକରୁ ଉଦ୍ଧାର କରିଛି । ଫୁଲବାଣୀ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ତାଙ୍କୁ ସିଡବ୍ଲୁସିଙ୍କୁ ହସ୍ତାନ୍ତର କରାଯାଇଥିବା ବ୍ରାହ୍ମଣୀଗାଁ ଏସ୍ଆଇ ସଂଗ୍ରାମ କେଶରୀ ଜେନା ସୂଚନା ଦେଇଛନ୍ତି। ରବିବାର ନାବାଳିକା କୌଣସି କାରଣରୁ ଘରଛାଡ଼ି ପଳାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ସେ କହିଥିଲେ। ଶନିବାର ସକାଳୁ ପରିବାର ଲୋକ ବ୍ରାହ୍ମଣୀଗାଁ ଥାନାରେ ଅଭିଯୋଗ କରିଥିଲେ। ନଂ.୪୯/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା।

### ପୋଲସରା ବ୍ଲକରେ ନୂତନ ବିଇଓଙ୍କ ଯୋଗଦାନ



**ହାତିଓଟ,୨୭।୭:** ପୋଲସରା ବ୍ଲକରେ ନୂତନ ବିଇଓ ଭାବେ ତ୍ରିଲୋଚନ ତ୍ରିପାଠୀ ଶୁକ୍ରବାର ଯୋଗ ଦେଇଛନ୍ତି। ତ୍ରିପାଠୀ ଏହା ପୂର୍ବରୁ ଗଞ୍ଜାମ ବ୍ଲକରେ ଏବିଇଓ ଭାବେ କାର୍ଯ୍ୟ କରୁଥିଲେ। ୩୧ ଜୁଲାଇ ୨୦୧୮ରେ ବିଇଓ ଧରଣୀଧର ଜାଲି ଅବସର ନେବା ପରଠାରୁ ଏହି ବ୍ଲକରେ ଅତିରିକ୍ତ ବିଇଓ ଭାବେ ବୁଗୁଡା ବ୍ଲକ ବିଇଓ ରସାନନ୍ଦ କର ଅସ୍ଥାୟୀ ଭାବେ ଦାୟିତ୍ୱ ସମ୍ଭାଳୁଥିଲେ। ତ୍ରିପାଠୀଙ୍କ ପଦୋନ୍ନତି ପାଇଁ ପୋଲସରା ଶିକ୍ଷାଧିକାରୀ ଅନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଥିବାକୁ ତାଙ୍କୁ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ବ୍ଲକର ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ କାର୍ଯ୍ୟାଳୟକୁ ଆସି ନୂତନ ବିଇଓଙ୍କୁ ସ୍ୱାଗତ ଜଣାଇଥିଲେ।

### ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

**ଶେରଗଡ଼,୨୭।୭(ଡି.ଏନ୍.ଏ):** ଶେରଗଡ଼ ବ୍ଲକ ସ୍ତରୀୟ ସ୍ୱାଧୀନତା ଦିବସ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ପାଳନ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଶେରଗଡ଼ ବ୍ଲକ ପ୍ରକୋଷ୍ଠରେ ଅଧକ୍ଷା ସାରସ ସ୍ୱାଇଁଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ଼. ଦୟାସିନ୍ଧୁ ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ପ୍ରମୋଦ କୁମାର ସାହୁ, ବ୍ଲକ ଉପାଧକ୍ଷ ବିଶ୍ୱନାଥ ସ୍ୱାଇଁ, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ହୃଷିକେଶ ପାଢ଼ୀ, ଦିଗାମ୍ବର ନାହାକ, ଗୋପାଳ ଚରଣ ପଟ୍ଟନାୟକ, ସୀମାଞ୍ଚଳ ପ୍ରଧାନ, ଶେରଗଡ଼ ଏବିଇଓ ସୌରନ୍ଦ୍ରୀ ଦଳେଇ, ସହକାରୀ ଯନ୍ତ୍ରୀ ମହୀନ୍ଦ୍ର କୁମାର ଷଡ଼ଙ୍ଗୀ, ଯନ୍ତ୍ରୀ ବିଷ୍ଣୁ କେଶରୀ ଉପାଧ୍ୟାୟଙ୍କ ଯୋଗ ଦେଇଥିଲେ।

# ଯୁବକଙ୍କୁ ଆକ୍ରମଣ, ଜେଲ ଗଲେ ୨ ଭାଇ

**ଦିଗପହଣ୍ଡି,୨୭।୭(ଡି.ଏନ.ଏ.)**

ଦିଗପହଣ୍ଡି ପୋଲିସ ଶନିବାର ଏକ ଆକ୍ରମଣ ମାମଲାରେ ଅଭିଯୁକ୍ତ ୨ଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବଡ଼ଡୁମୁଳା ଗ୍ରାମର ପିଙ୍କୁ ସେଠୀ ଓ ଚରଣ ସେଠୀ। ମାମଲା ନଂ.୧୩୩/୧୯ରେ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଶୁକ୍ରବାର ସକାଳେ ବଡ଼ଡୁମୁଳା ଗ୍ରାମର ସରୋଜ ସେଠୀଙ୍କୁ ପୂର୍ବଶତ୍ରୁତାରୁ ପଡ଼ୋଶୀ ପିଙ୍କୁ ଓ ଚରଣ ଲୁହାଛଡରେ ମରଣାନ୍ତକ ଆକ୍ରମଣ କରିଥିଲେ। ସରୋଜଙ୍କ ବାପା ଓ ମା' ଛଡ଼ାଇବାକୁ ଯିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଆଇଆଇସି ଗୌରାଙ୍ଗ ଚରଣ ସାହୁ ଘଟଣାର ତଦନ୍ତ କରି ମାମଲା ରୁଜୁ କରିଥିଲେ। ସରୋଜଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

## ନିମ୍ନମାନର କାମ ଅଭିଯୋଗ

# ବର୍ଷାରେ ଧୋଇଗଲା ପୋଲ ଉପର ରାସ୍ତା

**ଦାରିଙ୍ଗବାଡ଼ି,୨୭।୭(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ରାଇକିଆ ପୂର୍ତ୍ତବିଭାଗର ଗଦଡ଼ି ପୋଲ ରାସ୍ତା ପାର୍ଶ୍ୱ ଧୋଇଯିବା ଫଳରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଉକ୍ତ ରାସ୍ତା ଦେଇ ଯାତ୍ରୀବାହୀ ବସ୍ ଚଳାଚଳରେ ସମସ୍ୟା ଦେଖାଦେଇଛି। ନିର୍ମାଣର ୨ବର୍ଷ ନପୂରୁଣୁ ରାସ୍ତା ଧୋଇଯିବାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ନିମ୍ନମାନର କାମ ଯୋଗୁ ଏପରି ହୋଇଥିବା ଅଞ୍ଚଳର ଶ୍ୟାମଘନ ପ୍ରଧାନଙ୍କ ସମେତ ରାଜେଶ ମହାପାତ୍ର, ମନୋରଞ୍ଜନ ବାଡତିଆ ପ୍ରମୁଖ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତାରେ ଦୈନିକ ଦାରିଙ୍ଗବାଡ଼ି ଠାରୁ ଭୁବନେଶ୍ୱର ସମେତ ରାଇକିଆ, ଫୁଲବାଣୀ, ଜି.ଉଦୟଗିରି ଅଞ୍ଚଳକୁ ଏକାଧିକ ବସ ଚଳାଚଳ କରିଥାଏ।

ସୂଚନାଯୋଗ୍ୟଯେ, ସିମନବାଡ଼ି ଠାରୁ ରାଇକିଆ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କରାଯାଇଛି। ବାଡାବାଙ୍ଗା ଏବଂ ଗଦଡିଠାରେ ବିଭାଗ ପକ୍ଷରୁ ପୋଲ ନିର୍ମାଣ କାର୍ଯ୍ୟ ବିଭିନ୍ନ ଠିକାସଂସ୍ଥା ଦ୍ୱାରା କରାଯାଇଥିବାବେଳେ ଏବେ ଗଦଡ଼ି ପୋଲ ରାସ୍ତା କାମ ନିମ୍ନମାନର ଯୋଗୁ ଲୋକେ ଯାତାୟାତ କରିବାକୁ ସୁରକ୍ଷିତ ମଣୁନାହାନ୍ତି। ସେହିପରି ଗତ କିଛିମାସ ହେଲା ଉକ୍ତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଥିବା ପରେ ପୂର୍ତ୍ତ ବିଭାଗ ଉକ୍ତ ରାସ୍ତା ସମ୍ପ୍ରସାରଣ କିମ୍ବା ମରାମତିରେ ବିଳମ୍ବ କରୁଛି। ଏହାକୁ ନେଇ ଅଞ୍ଚଳରେ ତିବ୍ର ଅସନ୍ତୋଷ ଦେଖାଯାଇଛି। ଏନେଇ ପୂର୍ତ୍ତବିଭାଗ ଦାରିଙ୍ଗବାଡ଼ି ସେକ୍ସନର ସହକାରୀ ନିର୍ବାହୀ ଯନ୍ତ୍ରୀ ବ୍ରଜକିଶୋର ମାହାପାତ୍ରଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ଉକ୍ତ ପୋଲର ଉପରଭାଗ ଧୋଇହୋଇଯିବା ସହ ବିପଦପୂର୍ଣ୍ଣ ରହିଥିବା ଜାଣି ସ୍ଥାନ ପରିଦର୍ଶନ କରି ଫେରିଛନ୍ତି। ଏବେ ବାଲିଗୁଡ଼ା ନିର୍ବାହୀ ଯନ୍ତ୍ରୀଙ୍କୁ ଅବଗତ କରାଇ ଅନୁଦାନ ନେଇ ଶୀଘ୍ର ମରାମତି କରିବେ ବୋଲି କହିଛନ୍ତି।


ଗଦଡ଼ି ପୋଲ ଉପର ରାସ୍ତା ଧୋଇ ଗର୍ତ୍ତ ସୃଷ୍ଟି ହୋଇଛି।

# ଚମାଖଣ୍ଡିରେ ସ୍ୱାସ୍ଥ୍ୟ ଶିବିର

**ଛତ୍ରପୁର,୨୭।୭(ଡି.ଏନ.ଏ.)**

ଆଇଆରଇ (ଭାରତୀୟ ବିରଳ ମୃତ୍ତିକା) ପ୍ଲାଣ୍ଟ ପକ୍ଷରୁ ଶନିବାର ଛତ୍ରପୁର ବ୍ଲକ ଚମାଖଣ୍ଡି ପଞ୍ଚାୟତ ଅଫିସ୍ କଲ୍ୟାଣ ମଣ୍ଡପରେ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ୧୫୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକ ଔଷଧ ମାଗଣାରେ ବଣ୍ଟନ କରାଯାଇଥିଲା। ଏଥିରେ ଚମାଖଣ୍ଡି ସରପଞ୍ଚ ସୁସ୍ମିତା ପ୍ରଧାନ, ଆଇଆରଇର ଡା. ଅର୍ଦ୍ଧେନ୍ଦୁ ପାଲ, ଡା. ପ୍ରମିଳା ମିଶ୍ର, ଡିଜିଏମ୍ (ମାନବ ସମ୍ବଳ) ଜି.କେ. ନାୟକ, ଏସ୍.ଏସ୍.ମଲ୍ଲିକ ଓ ସୁରେଶ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଫାର୍ମାସିଷ୍ଟ ଆର୍.କେ. ପାତ୍ର, ଟି.ଏଚ୍.ଆଚାର୍ଯ୍ୟ, କେ.ସି. ପ୍ରଧାନ ଓ ସସ୍ମିତା ନାୟକ ପରିଚାଳନାରେ ସହଯୋଗ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କଠାରୁ ଅନୁମତି ମିଳିବା ପରେ ଆହୁରି ୬ ପଞ୍ଚାୟତରେ ଆଇଆରଇ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି ।

# ପ୍ରଭାକରଙ୍କ ସ୍ମୃତିରେ ରକ୍ତଦାନ ଶିବିର

**ଛତ୍ରପୁର,୨୭।୭(ଡି.ଏନ.ଏ.)**

ଗଞ୍ଜାମ ଜିଲା ଛତ୍ରପୁର ହସ୍ପିଟାଲ ପରିସରରେ ଶନିବାର ପ୍ରଭାକର ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଓଡିଶା ହକି ଦଳ ମ୍ୟାନେଜର ତଥା ସାମାଜିକ କର୍ମୀ ପ୍ରଭାକରଙ୍କ ସ୍ମୃତିରେ ଆୟୋଜିତ ଶିବିରକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ରକ୍ତଦାନର ଆବଶ୍ୟକତା ଉପରେ ଜିଲାପାଳ କହିଥିଲେ । ପରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମଧ୍ୟ ଉକ୍ତ ଶିବିରରେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଛତ୍ରପୁର ହସ୍ପିଟାଲ ଡା. ଜେ. ଏମ୍. ବେବର୍ତ୍ତା, ହସ୍ପିଟାଲ ମ୍ୟାନେଜର ସନ୍ତୋଷ କୁମାର ପଣ୍ଡା, ସ୍ମୃତି କମିଟି ପରାମର୍ଶଦାତା ତଥା ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ସଭାପତି ସୁଧୀର ପଟ୍ଟନାୟକ, ବି ରାଜୁ ବାବୁ, ସମାପ୍ତି ପଟ୍ଟନାୟକ, ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍.ଧନଞ୍ଜୟ ରେଡ୍ଡୀ, ଅରୁଣ ଶତପଥୀ, କିଶୋର ଚନ୍ଦ୍ର ସେନାପତି, ପୂର୍ବତନ ସରପଞ୍ଚ ପ୍ରଦୀପ ଦାଶ, ଓକିଲ ମନୋଜ ପାଢୀ ଓ ବି. ଶ୍ରୀନିବାସ, ପୂର୍ବତନ ନଗରପାଳ ରାମଚନ୍ଦ୍ର ବେହେରା, ଜିଲା ଛାତ୍ର ବିଜେଡି ସଭାପତି ପ୍ରଶାନ୍ତ ପଣ୍ଡା, ପୂର୍ଣ୍ଣ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।


ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।

# ଶେରଗଡ଼: ଆମ ପୋଲିସ ସମିତି ବୈଠକ

**ଶେରଗଡ଼,୨୭।୭(ଡି.ଏନ୍.ଏ.)**

ଶେରଗଡ଼ ଥାନା ଆମ ପୋଲିସ ସମିତି ବୈଠକ ଶନିବାର ଅପରାହ୍ନ ସାଢେ ୪ଟାରେ ଥାନା ଅଧିକାରୀଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ପୋଲିସ ପକ୍ଷରୁ ଦିଆଯାଇଥିବା ତାଲିମ ସମ୍ପର୍କରେ ସେ କହିଥିଲେ। ଶେରଗଡ଼ ବଜାର ଛକଠାରୁ ନାରାୟଣପୁର ରାସ୍ତା, ହରିକୃଷ୍ଣପୁର ରାସ୍ତାରୁ ସଗାରପଲ୍ଲୀ ପୋଲ ପର୍ଯ୍ୟନ୍ତ ପାଟ୍ରୋଲିଂ କଡାକଡି କରିବାକୁ ସଭ୍ୟମାନେ କହିଥିଲେ। ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାବୁଲା କୁମାର ଚୋଧୁରୀ, ହୃଷିକେଶ ପାଢ଼ୀ, ସତ୍ୟ ନାରାୟଣ ପାତ୍ର, ସୀତାରାମ ପଟ୍ଟନାୟକ, ବି. ଚେଇନ ପାତ୍ର, ରାଜେଶ୍ୱର ସୁବୁଦ୍ଧି, ବାସୁଦେବ ରାଉତ ପ୍ରମୁଖ ଯୋଗ ଦେଇଥିଲେ।


ବୈଠକରେ ଯୋଗ ଦେଇଥିବା ସଭ୍ୟ ଓ ଥାନା ଅଧିକାରୀ।

# ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ, ଜଣେ ଗିରଫ

**ଶଙ୍କରାଖୋଲ,୨୭।୭(ଡି.ଏନ୍.ଏ.)**

ଟିକାବାଲି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଶନିବାର କୋଟଗଡ ଥାନା ରାଣିପଦର ଗ୍ରାମର ସାହେବ ପରାସେଠଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଟିକାବାଲି ଥାନାରେ ନଂ.୭୩/୧୯ରେ ଏକ ମାମଲା ରୁଜୁ ହୋଇଥିବା ଏଏସ୍ଆଇ ଅଶ୍ୱତ୍ଥାମା ମଲ୍ଲିକ କହିଛନ୍ତି। ମୋବାଇଲ ଫୋନ୍‌ରେ ମିସ୍‌କଲ୍‌ରୁ ସମ୍ପୃକ୍ତ ଯୁବତୀ ଯୁବକଙ୍କ ମଧ୍ୟରେ ସମ୍ପର୍କ ହୋଇଥିଲା। ପରେ ସାହେବ ଯୁବତୀଙ୍କ ଘରକୁ ଆସି ବାହାହେବାକୁ ପ୍ରସ୍ତାବ ଦେଇଥିଲେ। ଯୁବତୀଙ୍କ ଘରଲୋକେ ମନା କରିଥିଲେ। ତେଣୁ ସେ ଯୁବତୀଙ୍କୁ ଅସଦାଚରଣ କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ।

# ଅମୂଲ୍ୟଙ୍କୁ ଅଶ୍ରୁଳ ବିଦାୟ

**ଭଞ୍ଜନଗର,୨୭।୭(ଡି.ଏନ.ଏ.)**

କ୍ଷତ୍ରିୟବରପୁର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୂଲ୍ୟ ଦାସଙ୍କ ଶୁକ୍ରବାର ରାତିରେ ଅକାଳ ବିୟୋଗ ଘଟିଥିଲା। ଶନିବାର ସକାଳେ ବିରିପୁରସ୍ଥିତ ବାସଭବନରୁ ତାଙ୍କ ମରଶରୀର ଏକ ଶୋଭାଯାତ୍ରାରେ ବାହାରିଥିଲା। ବାଟରେ ଗୋବରା, ବିଞ୍ଝଣା, କ୍ଷତ୍ରିୟବରପୁର ଗ୍ରାମବାସୀ ମରଶରୀରକୁ ଶେଷ ସମ୍ମାନ ଜଣାଇଥିଲେ। ଏଥିରେ ବହୁ ମାନ୍ୟଗଣ୍ୟବ୍ୟକ୍ତି ଯୋଗ ଦେଇଥିଲେ। ଏଥିସହ କ୍ଷତ୍ରିୟବରପୁର ଓ ଗୋବରା କଲେଜକୁ ଶୋଭାଯାତ୍ରା ଯାଇଥିଲା। ଏହାପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଅମୁଲ୍ୟ ଛାତ୍ରୀଛାତ୍ରଙ୍କ ଯେଭଳି ପ୍ରିୟ ସାର୍ ଥିଲେ କର୍ମଚାରୀ ଓ ସାଧାରଣଜନତାଙ୍କ ମଧ୍ୟ ସେହିଭଳି ପ୍ରିୟ ଥିଲେ। ସୁଚନାଯୋଗ୍ୟଯେ ଗତକାଲି କଲେଜର ପ୍ରତିଷ୍ଠା ଉତ୍ସବ ସରିବା ପରେ ଅମୂଲ୍ୟ ହଠାତ୍ ପଡ଼ିଯାଇଥିଲେ। ତାଙ୍କୁ ଗୋବରା ଓ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଜାତୀୟ ରାଜପଥ ଡାଇଭର୍ସନ ଧୋଇଗଲା

**ବାଲିଗୁଡା/ତୁମୁଡିବନ୍ଧ, ୨୭।୭(ଡି.ଏନ୍.ଏ.)**

ଶୁକ୍ରବାର ସନ୍ଧ୍ୟାରୁ ତୁମୁଡିବନ୍ଧ,ବାଲିଗୁଡା ସମେତ କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ ଅବିଶ୍ରାନ୍ତ ବର୍ଷା ଜାରି ରହିଛି। ଫଳରେ ଜାତୀୟ ରାଜପଥରେ ଥିବା ଏକ ଡାଇଭର୍ସନ ଧୋଇଯିବାରୁ କନ୍ଧମାଳ ଜିଲା ସହ ପଡୋଶୀ କଳାହାଣ୍ଡି ଜିଲାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। କନ୍ଧମାଳ ଜିଲା ଦେଇ ଯାଇଥିବା ୫୯ନମ୍ବର ଜାତୀୟ ରାଜପଥର ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ମୁଣ୍ଡିଗ ନିକଟରେ କଲଭର୍ଟ ଧୋଇଯାଇଛି। ଫଳରେ ଶୁକ୍ରବାର ରାତି ୯ଟାରୁ କନ୍ଧମାଳ-କଳାହାଣ୍ଡିଗାଡିଚଳାଚଳ ଠପ୍ ହୋଇଯାଇଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ମୋଟର ଅଟକି ରହିଥିଲା। ଦୂରଗାମୀ ବସଗୁଡିକ ଅଟକି ରହିବାରୁ ବହୁ ଯାତ୍ରୀ ଅଧାରାସ୍ତାରୁ ଘରକୁ ଫେରିଆସିଥିଲେ। ଯାତ୍ରୀମାନେ ଖାଇବାକୁ ନପାଇ ରାତିରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମାଲବାହୀ ଟ୍ରକ ସବୁ ରାସ୍ତା କଡରେ ଅଟକି ରହିଥିଲା। ରାସ୍ତା ଧୋଇଯିବା ଫଳରେ ମ.ରାମପୁର-କଟକ, ଭବାନୀପାଟଣା-ଭୁବନେଶ୍ୱର, ବଲାଙ୍ଗିର-ବାଲିଗୁଡା, ଧର୍ମଗଡ଼-ଭୁବନେଶ୍ୱର, ରାମପୁର-ଫୁଲବାଣୀକୁ ବସ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସୂଚନାଯୋଗ୍ୟ, ଠିକାସଂସ୍ଥା ଦ୍ୱାରା ୫୯ନମ୍ବର ଜାତୀୟ ରାଜପଥର ପ୍ରଶସ୍ତୀକରଣ କାମ ଚାଲୁଛି। ମୁଣ୍ଡିଗ ନିକଟରେ ଏକ ପୋଲ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିଲା। ପୋଲ କଡରେ ଏକ ଅସ୍ଥାୟୀ ଡାଇଭର୍ସନ ରାସ୍ତା ନିର୍ମାଣ କରାଯାଇ ଗାଡିମୋଟର ଚଳାଚଳ କରୁଥିଲା।


ଧୋଇଯାଇଥିବା ଡାଇଭର୍ସନ ରୋଡ୍।

# ପ୍ରଯୁକ୍ତି ବିଦ୍ୟାର ସଫଳ ଉପଯୋଗ ଉପରେ ଗୁରୁତ୍ୱାରୋପ

**ଫୁଲବାଣୀ ଅଫିସ,୨୭।୭**

ମାସର ଚତୁର୍ଥ ଶନିବାରକୁ ଛୁଟି ଘୋଷଣା କରାଯାଇଛି। ଉକ୍ତଦିନ ପୂର୍ବାହ୍ନରେ ପ୍ରତ୍ୟେକ ଜିଲା ମୁଖ୍ୟ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି(ଟେକ୍ନୋଲୋଜି, ଟ୍ରାନ୍ସପରେନ୍ସି, ଟିମ୍ ୱାର୍କ, ଟାଇମ୍, ଟ୍ରାନ୍ସଫର୍ମେସନ୍)ର ସଫଳ କାର୍ଯ୍ୟାନ୍ୱୟନ ସମ୍ପର୍କରେ ସମୀକ୍ଷା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହିକ୍ରମରେ କନ୍ଧମାଳ ଜିଲାପାଳ ଡା. ବୃନ୍ଦା ଡି.ଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ପ୍ରଥମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସର୍ବନିମ୍ନ ପ୍ରଯୁକ୍ତି ବିଦ୍ୟାର ସଫଳ ଉପଯୋଗ ମାଧ୍ୟମରେ ଜନସାଧାରଣଙ୍କ ନିକଟରେ ସମସ୍ତପ୍ରକାର ତଥ୍ୟ ଉପଲବ୍ଧ କରାଇବା ଦିଗରେ ଯତ୍ନବାନ ହେବାକୁ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି।

ସରକାରୀ କଳରୁ ଦୁର୍ନୀତି ଲୋପହେବା ସହିତ ଶାସନ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ଶତ ପ୍ରତିଶତ ଆସ୍ଥା ପ୍ରକଟ ଆମ ସମସ୍ତଙ୍କ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ହେବା ଉଚିତ। ବିଭିନ୍ନ କାରଣରୁ କେତେକ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ସଫଳ ଉପଯୋଗ ହୋଇପାରୁନାହିଁ। ଫଳରେ ଜନସାଧାରଣଙ୍କୁ ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡୁଛି। ପ୍ରଶାସନ ପ୍ରତି ସେମାନଙ୍କ ନିରାଶା ଭାବ ବୃଦ୍ଧି ପାଉଛି। ପ୍ରଶାସନିକ ଅବହେଳା ସମ୍ପର୍କିତ ଅଭିଯୋଗ ସଂଖ୍ୟା ମଧ୍ୟ ବଢୁଛି। ଏଣୁ ଏହାର ଦୂରୀକରଣ ପାଇଁ ପ୍ରଯୁକ୍ତି ବିଦ୍ୟାର ସଫଳ ଉପଯୋଗ ଆବଶ୍ୟକ। ସମ୍ପୃକ୍ତ କାର୍ଯ୍ୟାଳୟର ୱେବ୍‌ସାଇଟ୍ କିମ୍ବା ଜିଲା ୱେବ୍‌ସାଇଟ୍‌ରେ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା, ଉପକୃତ ହିତାଧିକାରୀ, ବିଭିନ୍ନ ଆବେଦନ ପତ୍ରର ସଦ୍ୟତମ ସ୍ଥିତି, ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ଏବଂ ପାଇବାକୁ ଥିବା ପରବର୍ତ୍ତୀ ପ୍ରାପ୍ୟ, ଜିଲାର ବିଭିନ୍ନ ଗ୍ରାମରେ ଉପଲବ୍ଧ ସର୍ବନିମ୍ନ ମୌଳିକ ସୁବିଧା ଓ ତାହାର ସ୍ଥିତି ଆଦି ସମସ୍ତ ତଥ୍ୟ ଉପଲବ୍ଧ କରାଇବା ନିତ୍ୟାନ୍ତ ଆବଶ୍ୟକ। ଆବାସ ଯୋଜନାର ହିତାଧିକାରୀଙ୍କ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ତଥ୍ୟ ସଂଗ୍ରହ କରି ମୋବାଇଲ୍ ମେସେଜ୍ ମାଧ୍ୟମରେ ସେମାନଙ୍କୁ ଆବଶ୍ୟକ ସହାୟତା ପ୍ରଦାନ ସହିତ ମଞ୍ଜୁର ଅର୍ଥରାଶି ସମ୍ପର୍କରେ ଜଣାଇବା, କୃଷକମାନଙ୍କୁ ଉପଲବ୍ଧ ବିହନ, ସାର, ଜଳସେଚନ ଆଦି ବିଭିନ୍ନ ତଥ୍ୟ ପ୍ରଦାନ, ଜିଲାର ଯୁବଗୋଷ୍ଠୀଙ୍କ ଶିକ୍ଷାଗତ ଯୋଗ୍ୟତା ତଥ୍ୟ ସଂଗ୍ରହ କରି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନା ପ୍ରଦାନ ଆଦି କାର୍ଯ୍ୟ ସମ୍ପାଦନ ହୋଇପାରିଲେ ଜିଲାବାସୀଙ୍କ ସର୍ବାଧିକ ସମସ୍ୟାର ସମାଧାନ ହୋଇପାରିବ ବୋଲି ଜିଲାପାଳ ଆଶାବ୍ୟକ୍ତ କରିଥିଲେ।

ଟିମ୍ ୱାର୍କ ପାଇଁ ସବୁଠାରୁ ବଡ଼ ପ୍ରତିବନ୍ଧକ ହେଉଛି ନିଜ ମଧ୍ୟରେ ଥିବା ଅହଂଭାବ। ଏହାକୁ ପରିହାର କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ସେହିପରି ଜନସାଧାରଣ ଏବଂ ଅଧସ୍ତନ କର୍ମଚାରୀଙ୍କ ମଧ୍ୟରୁ ଆସୁଥିବା ଗଠନମୂଳକ ପ୍ରସ୍ତାବକୁ ଆନ୍ତରିକତାର ସହିତ ବିଚାର କରି ଆବଶ୍ୟକସ୍ଥଳେ ଗ୍ରହଣ କରିବା ଉଚିତ ବୋଲି କହିଥିଲେ। ଜିଲାରେ ଟେଲି ଯୋଗାଯୋଗ ବ୍ୟବସ୍ଥାର ଉନ୍ନତୀକରଣ ପାଇଁ ଫୁଲବାଣୀ ବ୍ଲକର ଗ୍ରାମ ଗୁଡ଼ିକରେ ବିଡିଓଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପକୁ ଅନୁସରଣ କରିବା ପାଇଁ ଜିଲାପାଳ ଅନ୍ୟ ବିଡିଓମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲାରେ ୫-ଟିର ସଫଳ କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟରେ ନିଜ କାର୍ଯ୍ୟାଳୟ ସମ୍ପର୍କୀତ କାର୍ଯ୍ୟଖସଡ଼ା ଏବଂ ଏ ଦିଗରେ ଥିବା ପ୍ରତିବନ୍ଧକ ଜନିତ ତଥ୍ୟ ଜିଲା ପ୍ରଶାସନକୁ ଜଣାଇବା ପାଇଁ ଜିଲାପାଳ ଅନୁରୋଧ କରିଥିଲେ। ଉକ୍ତ ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ, ବାଲିଗୁଡ଼ା ଉପ ଜିଲାପାଳ ସିନ୍ଦେ ଦତ୍ତାତ୍ରେୟ ଭାଉସାହେବ, ଭାରତୀୟ ପ୍ରଶାସନିକ ସେବାର ପ୍ରୋବେଶନ୍ ଅଧିକାରୀ ଡା. ଶୁଭଙ୍କର ମହାପାତ୍ର, ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାଜେନ୍ଦ୍ର କୁମାର ରଣଜିତ୍‌ଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ସାମିଲ ଥିଲେ।


ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ ।

## ସଂକ୍ଷେପରେ

### ମ୍ୟାଲେରିଆ ନିରାକରଣ ନେଇ କର୍ମଶାଳା

**ଶେରଗଡ,୨୭।୭(ଡି.ଏନ୍.ଏ.):** ଶେରଗଡ଼ ବ୍ଲକ ଖୋଲ ଗ୍ରାମରେ ବୁଧବାର ମ୍ୟାଲେରିଆ ନିରାକରଣ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ସାରସ ସ୍ୱାଇଁ, ବିଡ଼ିଓ ସୁରଞ୍ଜନ କୁମାର ସାହୁ, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ଡ.କେଶବ ବେହେରା, ବିଇଇ କୁଞ୍ଜ ବିହାରି ନାୟକ, ବିପିଓ ଦିଲୀପ ବେହେରାଙ୍କ ସମେତ ଅଙ୍ଗନୱାଡି ସୁପରଭାଇଜର ଲିଙ୍ଗରାଜ ରେଡ୍ଡୀ ପ୍ରମୁଖ ଯୋଗଦେଇ ମ୍ୟାଲେରିଆ ନିରାକରଣ, ମଶାରି ବ୍ୟବହାର, ପରିବେଶ ସଫା ରଖିବା, ଫୁଟା ପାଣି ପିଇବାକୁ କହିଥିଲେ। ଉକ୍ତ ଗ୍ରାମରେ ୧୫୦ ଲୋକ ଥିବାବେଳେ ସମସ୍ତଙ୍କୁ ମ୍ୟାଲେରିଆ ନିରାକରଣ ନେଇ ମଶାରି ବଣ୍ଟନ କରିବାକୁ କୁହାଯାଇଥିଲା। ଶେଷରେ ବ୍ଲକ କଳା ସଂସ୍କୃତି ସଙ୍ଘ ପକ୍ଷରୁ ମ୍ୟାଲେରିଆ ସଚେତନତା ନେଇ ଦାସକାଠିଆ ପରିବେଷଣ କରାଯାଇଥିଲା। ସମସ୍ତ ଗ୍ରାମବାସୀଙ୍କ ସମେତ କୃଷି ଗ୍ରାମସେବକ ଅରୁଣ କୁମାର ପ୍ରଧାନ ଯୋଗ ଦେଇଥିଲେ।

### ଚକ୍ଷୁ ପରୀକ୍ଷା ଶିବିର

**ଆସିକା,୨୭।୭(ଡି.ଏନ୍.ଏ.):** ଗାଙ୍ଗପୁର ମୁଖ୍ୟ ରାସ୍ତାରେ ଗୁରୁବାର ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୭୮ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୧୦ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିବାବେଳେ ୧୮ଜଣଙ୍କୁ ଅପରେଶନ ଲାଗି ପଠାଯାଇଥିଲା। ଗାଙ୍ଗପୁରଠାରେ ନୂତନ ଭାବେ ଉଦ୍‌ଘାଟିତ ହୋଇଥିବା ଏକ ଗ୍ରାହକ ସେବାକେନ୍ଦ୍ର ପକ୍ଷରୁ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସହାୟତାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା।

### ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦକ୍ଷତା ବୃଦ୍ଧି ତାଲିମ

**ରାଇକିଆ,୨୭।୭(ଡି.ଏନ.ଏ.):** ରାଇକିଆ ବ୍ଲକ ଗମାଣ୍ଡି ଏବଂ ଚକାପାଦ ବ୍ଲକର ପସରା ଠାରେ ୨ଦିନ ଧରି ନାବାର୍ଡ଼ ସହଯୋଗରେ ବ୍ଲକର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଋଣ ପ୍ରଦାନ, ସଂଗ୍ରହ ଠାରୁ ଆରମ୍ଭ କରି ଗୋଷ୍ଠୀ ପରିଚାଳନା ସହ ପ୍ରତ୍ୟକ ସଦସ୍ୟ କିପରି ସଠିକ ପରିଚାଳନନା ମାଧ୍ୟମରେ ଲାଭବାନ ହୋଇପାରିବେ ସେନେଇ ତାଲିମ ପ୍ରଦାନ କରାଯାଇଥିଲା। ଆୟଭିତ୍ତିକ କାର୍ଯ୍ୟକ୍ରମ, ବ୍ୟାଙ୍କ ସହିତ ସୁସମ୍ପର୍କ ସ୍ଥାପନ, ରେଜ୍ୟୁଲେସନ ଖାତାର ସଠିକ ପରିଚାଳନା ସମ୍ପର୍କରେ ମଧ ପରାମର୍ଶ ଦିଆଯାଇଥିଲା। ସ୍ୱେଚ୍ଛାସେବୀ ସଙ୍ଗଠନ ନିର୍ ତରଫରୁ ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ନାବାର୍ଡ଼ ଏଜିଏମ ଶ୍ରୀବତ୍ସ ଦାଶ, ସମନ୍ୱିତ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଏନ. ନନ୍ଦ, ଚକାପାଦ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ବିରେନ୍ଦ୍ର ସୁତାର, ନିର୍ ସମ୍ପାଦକ ଉବେଦନ ନାୟକ, ସଂଯୋଜକ ଝୁନ ପଣ୍ଡା, ଜିଲା ପ୍ରଗତି ମିଶନ ଶକ୍ତି ସଭାନେତ୍ରୀ କୁମଦିନି ନାୟକ, ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତରଙ୍ଗ ସଂଘ ତରଫରୁ ଶୀତଲ ନାୟକ, ସୁନିତା ଦିଗାଲ ପରିଚାଳନରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୨୦ରୁ ଉର୍ଦ୍ଧ୍ୱ ଗ୍ରୁପର ମହିଳା ଯୋଗ ଦେଇଥିଲେ।




■ ବ୍ରହ୍ମପୁର-ସମ୍ବଲପୁର ରେଳ ଲାଇନ ଦାବିରେ ବୈଠକ

# ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଆନ୍ଦୋଳନ ନିଷ୍ପତ୍ତି

**ଭଞ୍ଜନଗର,୨୭।୭(ଡି.ଏନ.ଏ.)**

ବ୍ରହ୍ମପୁର ଭାୟା ଭଞ୍ଜନଗର ସମ୍ବଲପୁର ରେଳ ଲାଇନ ଦାବିରେ ଗଞ୍ଜାମ, କନ୍ଧମାଳ, ବୌଦ୍ଧ ଓ ସମ୍ବଲପୁର ଜିଲାର ଆଇନଜୀବୀ ଶନିବାର ଭଞ୍ଜନଗରଠାରେ ଏକାଠି ହୋଇଛନ୍ତି। ଭଞ୍ଜନଗର ବାରଆସୋସିଏଶନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ସଭାପତି ଅଭିମନ୍ୟୁ ଗୌଡ଼ ଅଧକ୍ଷତା କରିଥିଲେ। ସମ୍ପାଦକ ଅଶୋକ ଜେନା ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିବାବେଳେ ସନ୍ତୋଷ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଆସିକା ବାର ଆସୋସିଏଶନ ସଭାପତି ସରୋଜ ତ୍ରିପାଠୀ, ଜି.ଉଦୟଗିରିର ସମ୍ପାଦକ ରମେଶ ବେହେରା, କବିସୂର୍ଯ୍ୟନଗରର ବି.ଶଙ୍କର ପାତ୍ର, ବୁଗୁଡ଼ା ସମ୍ପାଦକ ପ୍ରଭାତ କୁମାର ଜେନା, ସୋରଡ଼ାର ମଧୁସୂଦନ ସ୍ୱାଇଁ, ବାଲିଗୁଡ଼ାର କୌଶିକ ସାହୁ, ଛତ୍ରପୁରର ପର୍ଶୁରାମ ଗୌଡ଼, ଫୁଲବାଣୀର ବଂଶୀଧର ମହାନ୍ତି, ଜ୍ଞାନେନ୍ଦ୍ର ପାଢ଼ୀ, ବ୍ରହ୍ମପୁରର ମୋହନ ସିଂଘାରୀ, ବୌଦ୍ଧ ସଭାପତି ତାରିଣୀ ମହାପାତ୍ର,


ବୈଠକରେ ଉପସ୍ଥିତ ବିଭିନ୍ନ ବାର ଆସୋସିଏଶନର କର୍ମକର୍ତ୍ତା।

ସମ୍ପାଦକ ଅଶୋକ ମିଶ୍ର, ବୁଲିୟାନ ନାୟକ, ସନ୍ତୋଷ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ୧୮୭୨ରେ ଗଞ୍ଜାମ ଜିଲାରେ ଯେତିକି ରେଳ ଲାଇନ ହୋଇଥିଲା ବର୍ତ୍ତମାନ ମଧ ସେତିକି ଅଛି। କୌଣସି ଅଞ୍ଚଳକୁ ଆଉ ନୂଆ ରେଳ ଲାଇନ ହୋଇନାହିଁ। ବିଭିନ୍ନ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାର ରେଳ ଲାଇନ ବିକାଶ ପ୍ରତି ଗୁରୁତ୍ୱ ଦେଇନାହାନ୍ତି। ଯେଉଁଥିପାଇଁ ଗଞ୍ଜାମ, କନ୍ଧମାଳ, ବୌଦ୍ଧ ପ୍ରମୁଖ ଅଞ୍ଚଳର ଆର୍ଥିକ ଓ ସାମାଜିକ ବିକାଶ ହୋଇପାରୁନାହିଁ। ବଜେଟ ପୁସ୍ତିକା ଛପା ସରିବାପରେ ରାଜ୍ୟ ସରକାର ଚିଠି ମାଧ୍ୟମରେ ଦାବି ଉପସ୍ଥାପନ କରୁଛନ୍ତି। ଅନ୍ୟପଟେ କେନ୍ଦ୍ର ସରକାର ମଧ୍ୟ ବିଭିନ୍ନ ଆଳ ଦେଖାଇ ଉକ୍ତ ରେଳ ପ୍ରକଳ୍ପ ପ୍ରତି ଧ୍ୟାନ ଦେଉନାହାନ୍ତି। ତେଣୁ ଆଗାମୀ ଦିନରେ ଏନେଇ ଜୋରଦାର ଆନ୍ଦୋଳନ କରିବାକୁ ୫ ଜଣିଆ ଏକ କେନ୍ଦ୍ରୀୟ କମିଟି ଗଠନ କରାଯାଇଛି। ଏଥିସହ ଆଗାମୀ ରଣନିତୀ ସମ୍ପୂର୍ଣ୍ଣ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ପ୍ରସ୍ତୁତ କରିବାକୁ ପଡ଼ିବ। ଏହାହେଲେ ହିଁ ଯାଇ ଆନ୍ଦୋଳନ ସଫଳ ହୋଇପାରିବ। ଏଥିସହ ରାଜ୍ୟ ଓ କେନ୍ଦ୍ରର ବିଭିନ୍ନ ଲୋକ ପ୍ରତିନିଧିଙ୍କୁ ଭେଟି ଦାବି ଉପସ୍ଥାପନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ରବୀନ୍ଦ୍ର ନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଭଞ୍ଜନଗର ବାର ଆସୋସିଏଶନର ସମସ୍ତ ସଭ୍ୟାସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଚାଇଲ୍ଡ ଲାଇନ ପକ୍ଷରୁ ଖୋଲାମଞ୍ଚ କାର୍ଯ୍ୟକ୍ରମ

**ଫିରିଙ୍ଗିଆ,୨୭।୭**

ଫିରିଙ୍ଗିଆ ବ୍ଲକ କାଶିନିପଦର ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଚାଇଲ୍ଡ ଲାଇନ ପକ୍ଷରୁ ଖୋଲାମଞ୍ଚ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀ ଓ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରଥମେ ଚାଇଲ୍ଡ ଲାଇନ ତରଫରୁ ଶିଶୁ ଅଧିକାର, ଶିଶୁ ଶ୍ରମିକ, ବାଲ୍ୟ ବିବାହ ସମ୍ପର୍କରେ ସଚେତନତା କରାଯାଇଥିଲା। ଖୋଲା ମଞ୍ଚରେ କାଶିନିପଦର ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କ ଦ୍ୱାରା ଘରୋଇ ହିଂସାରୁ ଶିଶୁମାନେ କିପରି ନିର୍ଯ୍ୟାତନାର ଶିକାର ହୁଅନ୍ତି ସେ ସମ୍ପର୍କରେ ଏକ ପଥପ୍ରାନ୍ତ ନାଟକ ମଞ୍ଚସ୍ଥ ହୋଇଥିଲା। ସେହିପରି ସ୍କୁଲ ପରିସରରେ ଟଏଲେଟ୍ ସୁବିଧା କରିବା, ସଂସ୍କୃତ ଶିକ୍ଷକ, କମ୍ପ୍ୟୁଟର ଶିକ୍ଷକ ପଦବୀ ପୂରଣ, ତଳପଡା ସେବାଶ୍ରମରେ ୧୫୦ ଛାତ୍ରୀଛାତ୍ରଙ୍କୁ ୨ ଜଣ ଶିକ୍ଷକ ଶିକ୍ଷାଦାନ କରିବା ଆଦି ସମସ୍ୟା ଉପରେ ଛାତ୍ରୀଛାତ୍ରମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜଳନ୍ଧର କହଁର, ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଇଲ୍ଡ ଲାଇନ ଟିମ୍‌ର ସଦସ୍ୟ ଶିବଶଙ୍କର ବେହେରା, ପ୍ରଭାସରଞ୍ଜନ ନାୟକ ଓ ସୁପ୍ରଭା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରଧାନଶିକ୍ଷକ ରାଜେଶ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଷ୍ଠୀ ସାଧନ କର୍ମୀଙ୍କୁ ସମ୍ବର୍ଦ୍ଧନା

**ଦିଗପହଣ୍ଡି,୨୭।୭(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ପୋଡ଼ାବାଡ଼ି ପ୍ରାଥମିକ ବିଦ୍ୟାଳୟରେ ଚଷାନିମଖଣ୍ଡି କ୍ଲଷ୍ଟର ଗୋଷ୍ଠୀ ସାଧନ କର୍ମୀ ସନ୍ତୋଷ କୁମାର ବିଶୋୟୀଙ୍କୁ ସ୍ୱାଗତ ଏବଂ ପୂର୍ବତନ ଗୋଷ୍ଠୀ ସାଧନ କର୍ମୀ ଶିବରାମ ନାୟକ ଓ ନରସିଂହ ପଣ୍ଡାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସହକାରୀ ଶିକ୍ଷକ ନିରଞ୍ଜନ ବିଶୋୟୀଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବାଳା ମାଝୀ, ବିଶ୍ରବା ପାଇକ, ରସାନନ୍ଦ ଘଡ଼େଇ, ଶିକ୍ଷକ ସଂଘ କାର୍ଯ୍ୟକର୍ତ୍ତା ସୁଧାଂଶୁ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ବିଦେଶୀ ବେହେରା, ପଦ୍ମନାଭ ପଟ୍ଟନାୟକ, ରାଧାଶ୍ୟାମ ବେହେରା, ଡମ୍ବରୁଧର ପାଇକ, ସୁରେଶ ପଟ୍ଟନାୟକ, ରଞ୍ଜନ ନାୟକ, ଦିଲୀପ ମଲିକ, କ୍ଲଷ୍ଟରସ୍ତରୀୟ ବିଭିନ୍ନ କାର୍ଯ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକବୃନ୍ଦ ଉପସ୍ଥିତ ଥିଲେ।

# କସ୍ତୁରବା, ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ



ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥି।

**ହିଞ୍ଜିଳିକାଟୁ,୨୭।୭(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ତଥା ହିଞ୍ଜିଳିକାଟୁ ପୌର ଓ ବ୍ଲକ ପ୍ରଶାସନ ସହଯୋଗରେ ଶୁକ୍ରବାର ବ୍ଲକ ସଭାଗୃହରେ କସ୍ତୁରବା ଓ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲକ୍ଷ୍ମୀକାନ୍ତ ସେଠୀ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ରାଜନୀତି ବିଭାଗର ପ୍ରଫେସର ଦାଶରଥୀ ଭୂୟାଁ, ସମ୍ମାନିତ ଅତିଥିଭାବେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ସୁରେନ୍ଦ୍ର ପ୍ରଧାନ, ଡ଼ି. ବିଶ୍ୱନାଥ, ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ପୌର ଅଧିକାରୀ ଅଶୋକ କୁମାର ପଣ୍ଡା, ଜିଲା ସଂସ୍କୃତି ଅଧିକାରୀ ଶୁକ୍ଳୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଧକ୍ଷ ଏନ. ରଘୁନାଥଙ୍କ ପୌରହିତ୍ୟରେ ଜିଲା ସଂସ୍କୃତି ବିଭାଗ ଅନୁମୋଦିତ କଳାକାର ସଂଘର ବହୁ ବ୍ୟକ୍ତି କସ୍ତୁରବା ଓ ମହାତ୍ମାଙ୍କ ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରୀଛାତ୍ରଙ୍କ ସହ ଅଧ୍ୟାପକ, ସରକାରୀ କର୍ମଚାରୀ, ଲୋକ ପ୍ରତିନିଧି ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ସଚେତନତା ଶିବିର

**ଦିଗପହଣ୍ଡି,୨୭।୭(ଡି.ଏନ.ଏ.)**

ଦିଗପହଣ୍ଡିସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ପରିଷଦ ଆନୁକୂଲ୍ୟରେ ଗୁରୁବାର ୱାର୍ଡ଼ସ୍ତରୀୟ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ ଅଧକ୍ଷତା କରିଥିଲେ। ଶିବିରରେ ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ୧ ନଂ ୱାର୍ଡର ପୂର୍ବତନ କାଉନସିଲର ନିରୁପମା ପଟ୍ଟନାୟକ ଓ ପୂର୍ବତନ କାଉନସିଲର ମାଗି ସେଠୀ ଯୋଗଦେଇଥିଲେ। ଆସନ୍ତା ଅଗଷ୍ଟ ୧୫ରେ ଦିଗପହଣ୍ଡି ସହରକୁ ପଲିଥିନ ମୁକ୍ତ ସହର ଭାବେ ବିବେଚିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ୱାଟସନ କମିଟି ପକ୍ଷରୁ ଆସନ୍ତା ସପ୍ତାହରୁ ଦିଗପହଣ୍ଡି ବିଜ୍ଞାପିତ ପରିଷଦରେ ବର୍ଜ୍ୟବସ୍ତୁ ନେଇ ସଚେତନ କରାଯିବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ କହିଥିଲେ। ଏନ୍‌ଏସି କର୍ମଚାରୀ ପ୍ରଭାକର ମେକାପ, ଭାରତୀ ପାଢ଼ୀ, ସ୍ନେହଲତା ମିଶ୍ର, ଇଂ. ପବିତ୍ରା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ପଣସ ଚିପସ୍ ପ୍ରସ୍ତୁତି ତାଲିମ

**ଫିରିଙ୍ଗିଆ,୨୭।୭**

ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ପ୍ରତି ପଞ୍ଚାୟତ ଏବଂ ଗ୍ରାମରେ ମହିଳା ସ୍ୱୟଂ ସହାୟିକା ଗ୍ରୁପ(ଏସ୍‌ଏଚ୍‌ଜି) କରି ବିଭିନ୍ନ ପ୍ରକାର ତାଲିମ ଦେଉଛନ୍ତି। ଉଦ୍ଦେଶ୍ୟ ରହିଛି ମହିଳାମାନେ କିପରି ଆତ୍ମନିର୍ଭରଶୀଳ ହେବେ। ଏହି କ୍ରମରେ ଫିରିଙ୍ଗିଆ ବ୍ଲକ କେଳାପଡା ପଞ୍ଚାୟତରେ ଦୁଇଦିନ ଧରି ମା' ଅମ୍ବିକା ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ସଦସ୍ୟମାନଙ୍କୁ ଓଡିଶା ଗ୍ରାମ ଉନ୍ନୟନ ବିପଣନ ସମିତି ପକ୍ଷରୁ ଋତୁକାଳୀନ ପଣସ ଚିପସ୍ ତିଆରି ତାଲିମ ପ୍ରଦାନ କରାଯାଇଛି। ପଣସ ଚିପସ୍‌ର ବଜାରରେ ବହୁ ଚାହିଦା ରହିଛି। ଏହା କିଲୋ ପ୍ରତି ୨୦୦ ଟଙ୍କାରେ ବିକ୍ରି ହେଉଛି। ମହିଳାମାନେ ଏହାକୁ ତିଆରି କରି ବଜାରରେ ବିକି ଭଲ ଲାଭ ପାଇ ପାରିବେ। ଯଦି ବି ବିକ୍ରି କରି ନ ପାରିବେ ତାହାଲେ ଜି.ଉଦୟଗିରିରେ ଏକ ସଂସ୍ଥା ମାର୍କେଟିଂ କରିବ ବୋଲି ଗ୍ରାମ ଉନ୍ନୟନ ବିପଣନ ସମିତି ସହକାରୀ ନିର୍ଦ୍ଦେଶକ ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ତାଲିମଦାତା ଭାବେ ଶିବରାମ ଦିଗାଲ ମହିଳାମାନଙ୍କୁ ପଣସ ଚିପସ୍ ତିଆରି ଶିଖାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ପ୍ରବୀଣ କୁମାର ବାଣୁଆ, ସରପଞ୍ଚ ପ୍ରେମଶୀଳା ଖାଙ୍କରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ବିଡିଓ, ସରପଞ୍ଚ ଚିପସ୍ ଦେଖୁଛନ୍ତି।

# କାମରେ ଆସୁନି ମାର୍କେଟ କମ୍ପ୍ଲେକ୍ସ

**କନିଷି,୨୭।୭(ଡି.ଏନ.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକ କନିଷି ହାଟସ୍ଥିତ ୧୬ନଂ. ଜାତୀୟ ରାଜପଥ କଡ଼ରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଛି । ୨୦୦୦ ମସିହାରେ ଉଦଘାଟନ ମଧ ହୋଇଥିଲା ମାତ୍ର ଗୋଟିଏ ହେଲେ ଗୃହ କୌଣସି ବ୍ୟବସାୟୀଙ୍କୁ ଭଡା ଦିଆଯାଇନାହିଁ। ଦୀର୍ଘଦିନ ହେଲା କନିଷି ହାଟସ୍ଥିତ ୧୬ନଂ. ଜାତୀୟ ରାଜପଥ କଡ଼ରେ ବିପଦପୂର୍ଣ୍ଣ ଭାବେ ସାପ୍ତାହିକ ହାଟ ବସୁଛି। କିଛିଦିନ ତଳେ ବ୍ରହ୍ମପୁର ଉପଜିଲାପାଳ ସେଠାରେ ପହଞ୍ଚି ତୁରନ୍ତ ମାର୍କେଟ କମ୍ପ୍ଲେକ୍ସ ଗୃହ ବ୍ୟବସାୟୀମାନଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ଏହାକୁ ରଙ୍ଗ ଦିଆଯାଉଛି। ଗ୍ରାମପଞ୍ଚାୟତ ତରଫରୁ ଯଥାଶୀଘ୍ର ବ୍ୟବସାୟୀମାନଙ୍କୁ ଦେବା ପାଇଁ ପଞ୍ଚାୟତ କମିଟିରୁ ରେଜୁଲେସନ କରି ବ୍ରହ୍ମପୁର ଉପଜିଲାପାଳଙ୍କୁ ନିକଟକୁ ପଠାଯାଇଛି । କନିଷି କାର୍ଯ୍ୟନିର୍ବାହୀ ଅଧିକାରୀ ଟି. ତାରିଣୀ ଆଚାରୀ, ସରପଞ୍ଚ ଜୟଦେବ ଦାସ, ପଞ୍ଚାୟତର କମିଟି ମଞ୍ଜୁର ପାଇଁ ପଠାଇଥିବା ଜଣାପଡ଼ିଛି। ଏନେଇ ରଙ୍ଗେଇଲୁଣ୍ଡା ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରତାପ ଚନ୍ଦ୍ର ପଟ୍ଟନାୟକଙ୍କ ସହ ଯୋଗାଯୋଗ ବେଳେ ସେ କହିଥିଲେ, ଯଥାଶୀଘ୍ର ମାର୍କେଟ କମ୍ପ୍ଲେକ୍ସ ଗୃହ ପ୍ରଦାନ ପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଆସିଯିବ।


ମାର୍କେଟ କମ୍ପ୍ଲେକ୍ସ।

## ବିଷପିଇ ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

**ବାଲିଗୁଡା,୨୭।୭(ଡି.ଏନ୍.ଏ.)**

ବାଲିଗୁଡା ଥାନା ବେହେରାସାହିରେ ଶନିବାର ବିଷ ପିଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ଉକ୍ତ ସାହିର ଅଭିମନ୍ୟୁ ବେହେରା। ସୂଚନା ପ୍ରକାରେ, ଶଡ଼ିବାର ସକାଳୁ ଅଭିମନ୍ୟୁ କୌଣସି କାରଣରୁ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କ'ଣ ପାଇଁ ସେ ଆତ୍ମହତ୍ୟା କଲେ ତାର କାରଣ ଜଣାପଡିନାହିଁ।

## କାଇଁଚପୁରରେ ହରିଶ୍ଚନ୍ଦ୍ର ଯୋଜନା ଦିଗହରା

**ଗଞ୍ଜାମ,୨୭।୭(ଡି.ଏନ.ଏ.)**

**ଗଞ୍ଜାମ ବ୍ଲକ**

ସରକାର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଥିବା ବହୁ ଯୋଜନା ମଧ୍ୟରେ ହରିଶ୍ଚନ୍ଦ୍ର ଯୋଜନା ଅନ୍ୟତମ। ଏହି ଯୋଜନାରେ ଗରିବ ଲୋକଙ୍କ ମୃତ୍ୟୁ ହେଲେ ମୃତକଙ୍କ ପରିବାରକୁ ସଂସ୍କାର ପାଇଁ ୨ ହଜାର ଟଙ୍କା ଦେବାର ନିୟମ ରହିଛି। କିନ୍ତୁ ଗଞ୍ଜାମ ବ୍ଲକ କାଇଁଚପୁର ପଞ୍ଚାୟତରେ ଏହା ଫେଲ ମାରିଛି। ୨୦୧୬ରୁ ୧୯ ୩ବର୍ଷରେ ଏହି ପଞ୍ଚାୟତରୁ ଜଣେ ବି ଲୋକେ ଟଙ୍କା ପାଇ ନାହାନ୍ତି। ଗ୍ରାମର ଶାରୀ ବେହେରା ବର୍ଷେ ତଳେ ମୃତ୍ୟୁବରଣ କରିଥିଲେ। ତାଙ୍କ ସ୍ୱାମୀ ଗୋପୀନାଥ ବ୍ଲକ ଅଫିସକୁ ବହୁବାର ଯାଇଥିଲେ ମଧ ଟଙ୍କା ମିଳିନ ଥିଲା। ବିଜେଡି ନେତା ସନାତନ ବେହେରା କହିଛନ୍ତି, ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅବହେଳା ଯୋଗୁ ଲୋକେ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ କାଇଁଚପୁର ଭିଏଲଡବ୍ଲ୍ୟୁ ଶ୍ରୀକାନ୍ତ କୁମାର ଗୌଡ଼ଙ୍କୁ ପଚାରିବାରୁ ଲୋକେ ଏହି ଯୋଜନାରୁ ଟଙ୍କାଟିଏ ପାଇନଥିବା ସେ ସ୍ୱୀକାର କରିବା ସହ ୨୦୧୭-୧୮ରେ ୭ ଜଣ ଆବେଦନ କରିଛନ୍ତି, ତାହା ଆମେ ଅନ୍‌ଲାଇନରେ ଜିଲା ପ୍ରଶାସନକୁ ପଠାଇ ଦେଇଛୁ, ମାତ୍ର ଟଙ୍କା ଆସି ନ ଥିବା ସେ କହିଛନ୍ତି। ଏନେଇ ବିଡିଓ ଜ୍ୟୋତିଶଙ୍କର ରାଏଙ୍କୁ ପଚାରିବାରୁ ଏନେଇ ଭିଏଲ୍‌ଡବ୍ଲ୍ୟୁଙ୍କ ସହ ଆଲୋଚନା କରି ପଦକ୍ଷେପ ନେବି ବୋଲି କହିଛନ୍ତି।

# ବାହାଡ଼ାପଦରରେ ପଲିଥିନ୍ ବର୍ଜନ ଅଭିଯାନ

**ଭଞ୍ଜନଗର,୨୭।୭(ଡି.ଏନ.ଏ.)**

ବାହାଡ଼ାପଦର ହାଇସ୍କୁଲରେ ବୁଧବାର ଜଙ୍ଗଲ ଓ ପରିବେଶ ବିଭାଗ ଓଡ଼ିଶା ସରକାରଙ୍କ ସହଯୋଗରେ ପଲିଥିନ ବର୍ଜନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସହ ଇକୋ କ୍ଲବ୍, ରେଡ୍‌କ୍ରସ ଓ ସ୍କାଉଟ୍ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଜନ ସଚେତନତା ଉପରେ ପଲିଥିନ୍‌ର ଅପକାରିତା ଓ ତାର ଭୟାବହତା ଉପରେ ପ୍ଲାକାର୍ଡ଼ ସହ ସ୍ଲୋଗାନ୍ ଦେଇଥିଲେ। ଏଥିସହ ନିଜେ ପଲିଥିନ ନବ୍ୟବହାର କରିବା ପାଇଁ ଛାତ୍ରୀଛାତ୍ର ଶପଥ ନେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ଏକ ସଭା ହୋଇଥିଲା। ବରିଷ୍ଠ ଶିକ୍ଷକ ସନ୍ତୋଷ ଜେନା, ସଚ୍ଚିଦାନନ୍ଦ ପ୍ରଧାନ, ମନୁ ପ୍ରଧାନ, ହୃଷିକେଶ ନାୟକ ଓ ଜନାର୍ଦ୍ଦନ ପଣ୍ଡା, ଅଶୋକ କୁମାର ପ୍ରଧାନ, ସୂର୍ଯ୍ୟ କୁମାର ଭୂୟାଁ ଅତିଥି ଭାବେ ଯୋଗଦେଇ ପଲିଥିନ ବ୍ୟବହାରରେ ଜଳସ୍ତର ଅବନତି, ଜଳବାୟୁ ଉପରେ ପ୍ରଭାବ, ବାୟୁ ପ୍ରଦୂଷଣ ଓ ମୃତ୍ତିକା ଉପରେ କୁ ପ୍ରଭାବ ସମ୍ପର୍କରେ କହିଥିଲେ। ଆଲୋଚନାରେ ଛାତ୍ରୀଛାତ୍ର ଭାଗନେଇ ପଲିଥିନ୍‌ର ଅପକାରିତା ଓ ଜଳବାୟୁ ଉପରେ ତାର ପ୍ରଭାବ ବିଷୟ କହିଥିଲେ। ଶିକ୍ଷକ ହୃଷିକେଶ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।


ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯାଉଛନ୍ତି।

# ଜରାଜୀର୍ଣ୍ଣ ଅବସ୍ଥାରେ ମଣ୍ଡଳସାହି ଫଳ ପ୍ରାଙ୍ଗଣ କେନ୍ଦ୍ର

**ମଣ୍ଡଳସାହି,୨୭।୭**

ଗଜପତି ଜିଲା ରାୟଗଡ଼ ବ୍ଲକର ମଣ୍ଡଳସାହି ଛକରେ ରହିଛି ଏକ ଫଳ ପ୍ରାଙ୍ଗଣ କେନ୍ଦ୍ର। ରାଜ୍ୟ ସରକାରଙ୍କ ଆର୍‌ଏମ୍‌ସିସି ତରଫରୁ ୨୦୦୪ରେ ନିର୍ମାଣ କରାଯାଇଥିଲା ଏହି ଫଳ ପ୍ରାଙ୍ଗଣ କେନ୍ଦ୍ର ଶୀତଳ ଭଣ୍ଡାର। ଉଦ୍ଦେଶ୍ୟ ଥିଲା ଡ଼ମ୍ବାଳ ଓ ପୋରାର ଗ୍ରାମପଞ୍ଚାୟତର ତାଳମଣ୍ଡା, ଅମେଡ଼ା, ଲୋବା ଓଙ୍ଗାରସିଙ୍ଗି, ମଙ୍ଗରାଜପୁର ଗ୍ରାମର ଚାଷୀଙ୍କ ଉତ୍ପାଦିତ ବିଭିନ୍ନ ପ୍ରକାର ଫଳ କିପରି ଉଚିତ୍ ମୂଲ୍ୟରେ ବ୍ୟବସାୟୀମାନଙ୍କୁ ବିକ୍ରି କରିପାରିବେ। ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଏହାକୁ ଉଦ୍‌ଘାଟନ କରିଥିଲେ। ଆଖପାଖ ୭ ପଞ୍ଚାୟତକୁ ନେଇ ପ୍ରତ୍ୟହ ମଙ୍ଗଳବାର ସାପ୍ତାହିକ ହାଟ ଚାଲୁଥିଲା। ହାଟକୁ ଆସୁଥିବା ଚାଷୀଙ୍କ ପଣସ, କାଜୁ, ସପୁରୀ, କମଳା, କଦଳୀ, କାଗେଜ ଲେମ୍ବୁ, ଭଣ୍ଡା, ଅଦା ଓ ହଳଦି ଆଦିକୁ ବ୍ରହ୍ମପୁର, ଆସିକା, ଭଞ୍ଜନଗର, କଟକ, ପୁରୀ, ଭୁବନେଶ୍ୱର ଆଦି ସ୍ଥାନରୁ ବ୍ୟବସାୟୀମାନେ ଆସି ନେଉଥିଲେ। ବିଡ଼ମ୍ବନାର କଥା ହେଲା ଏହି ଫଳ ପ୍ରାଙ୍ଗଣ ନିର୍ମାଣହେବା ପରେ ଶୀତଳ ଭଣ୍ଡାରଟି ଚାଷୀଙ୍କ ସେବାରେ ଲାଗିନାହିଁ। ଆରମ୍ଭ ହେବା ଦିନଠାରୁ ଶୀତଳ ଭଣ୍ଡାରଟି ବାରମ୍ବାର ଖରାପ ହେବା ଦ୍ୱାରା ସେଠାରେ ଚାଷୀମାନେ ନିଜର ଫଳ ପରିବା ରଖିବାକୁ ଅମଙ୍ଗ ହେଲେ। ନିମ୍ନମାନର କାମ ଯୋଗୁ ଦିନ କେଇଟାରେ ଭାଙ୍ଗିରୁଜି ଗଲା। ବର୍ତ୍ତମାନ ଏହି ଫଳ ପ୍ରାଙ୍ଗଣ ଜୁଆଡ଼ି ଓ ଅସାମାଜିକ ଲୋକଙ୍କ ଆଡ୍ଡାରେ ପରିଣତ ହୋଇଛି।

ଏହି ଆଦିବାସୀ ଅଞ୍ଚଳର ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ସରକାରଙ୍କ ରାଜକୋଷରୁ ବହୁ ଅର୍ଥ ବ୍ୟୟକରି ନିର୍ମାଣ କରାଯାଇଥିବା ଫଳ ପ୍ରାଙ୍ଗଣ କେନ୍ଦ୍ର ଯୋଗୁ ଠିକାଦାର, ଯନ୍ତ୍ରୀ ମାଲାମାଲ ହୋଇଥିବା ବେଳେ ଚାଷୀ ଠକିଛନ୍ତି ବୋଲି କହିଛନ୍ତି ଚାଷୀ କୃଷ୍ଣଚନ୍ଦ୍ର ଭୂୟାଁ, ପୀତବାସ ବେହରଦଳେଇ ଓ ଅର୍ଜୁନ ନାୟକ। ଏଠାରେ ପୁନଶ୍ଚ ଶୀତଳ ଭଣ୍ଡାର ନିର୍ମାଣ କରିବା ପାଇଁ ସେମାନେ ଦାବି କରିଛନ୍ତି।


ଭାଙ୍ଗିରୁଜି ଯାଇଥିବା ଫଳ ପ୍ରାଙ୍ଗଣ କେନ୍ଦ୍ର।




# ନାବାଳିକା ଛାତ୍ରୀଙ୍କୁ ଅପହରଣ, ଜଣେ କୋର୍ଟଚାଲାଣ

**ଗୋପାଳପୁର,୨୭।୭**

ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ ଅଭିଯୋଗରେ ଗୋଳନ୍ଥରା ପୋଲିସ ଜନୈକ ଯୁବକଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଆସିକା ଥାନା ମାମୁଡ଼ିହ ଗ୍ରାମର ଶିବାନନ୍ଦ ନାୟକ (୨୨)। ଗତ ୨୩ ତାରିଖରେ ଜଣେ ନବମଶ୍ରେଣୀ ଛାତ୍ରୀ ବିଦ୍ୟାଳୟକୁ ଯାଉଥିବାବେଳେ ଶିବାନନ୍ଦ ପ୍ରଲୋଭନ ଦେଖାଇ ଅପହରଣ କରି ନେଇଥିଲେ। ୨୪ରେ ଛାତ୍ରୀଙ୍କ ମା' ଗୋଳନ୍ଥରା ଥାନାରେ ଅଭିଯୋଗ କରିବା ପରେ ନଂ.୧୮୦/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଶିବାନନ୍ଦ ଭୁବନେଶ୍ୱରସ୍ଥିତ ସମ୍ପର୍କୀୟଙ୍କ ଘରେ ରହୁଥିବା ପୋଲିସକୁ ସୂଚନା ମିଳିଥିଲା। ଶୁକ୍ରବାର ଚଢାଉ କରି ଉଭୟଙ୍କୁ ଠାବ କରିଥିଲା। ଜଜ୍‌ଙ୍କ ସମ୍ମୁଖରେ ଛାତ୍ରୀଙ୍କ ବୟାନ ରେକର୍ଡ କରାଯିବା ସହ ଶିବାନନ୍ଦଙ୍କୁ ଶନିବାର ଅତିରିକ୍ତ ଜିଲା ଜଜ୍-୨ଙ୍କ ନିକଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ଛାତ୍ରୀଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି।




| NEET SCORE | FEES/YEAR |
|---|---|
| 450-500 | 6.5 Lac-12 Lac |
| 400-450 | 12 Lac-15 Lac |
| 350-400 | 15 Lac-18 Lac |
| 200-300 | 18 Lac-24.75 Lac |
| 200-134 | ??? |

# ବେଆଇନ ଗୋଚାଲାଣ, ୭ ଗିରଫ

**ଖଲ୍ଲିକୋଟ,୨୭।୭(ଡି.ଏନ.ଏ.)**

ଖଲ୍ଲିକୋଟ ପୋଲିସ ଶନିବାର ଏକ ଟ୍ରକରେ ଗୋରୁ ଚାଲାଣ ବେଳେ ୧୭ ଗୋରୁ ଉଦ୍ଧାର କରିବା ସହ ଟ୍ରକ ଜବତ କରିଛି। ଏହି ଘଟଣାରେ ଚାଳକ ସମେତ ୭ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପୁରୀ ଜିଲା ସତ୍ୟବାଦୀ ଥାନା ଅଞ୍ଚଳର ଏସ୍.କେ. ସକିଲ, ରାକେଶ କୁମାର ସାହୁ, ଏସ.କେ. ପାନ୍ନା, ରସିଦ୍ ଖାନ, ଏସ୍.କେ. ରାଜ୍ଜୁ, ୟୁପି ମୁଜାଫର ନଗରର ଏମ୍.ଡି. ଆସୁ ଓ ସେହି ଅଞ୍ଚଳର ଟ୍ରକ ଚାଳକ ରାଜ କରଣ।

ପ୍ରକାଶ ଯେ, ଜାତୀୟ ରାଜପଥ ନଂ.୧୬ ଦେଇ ଶନିବାର ବେଆଇନ ଗୋରୁ ଚାଲାଣ ହେଉଥିବା ଖଲ୍ଲିକୋଟ ପୋଲିସ ସୂଚନା ପାଇଥିଲା। ଗୁରାପଲ୍ଲୀ ଟୋଲଗେଟଠାରେ ଆଇଆଇସି ସୁନୀଲ କୁମାର


ଜବତ ଗୋରୁ ବୋଝେଇ ଟ୍ରକ।

### ୧୭ ଗୋରୁ ଉଦ୍ଧାର, ଟ୍ରକ୍ ଜବତ

ବେହେରା, ଏସ୍‌ଆଇ ସିଲୁ ଧଳଙ୍କ ସମେତ ପୋଲିସ ଟିମ ଟ୍ରକ୍ (ନଂ.ୟୁପି୧୯ଟି-୨୫୦୬)କୁ ଅଟକାଇଥିଲେ। ଯାଞ୍ଚବେଳେ ୨ଟି ବଳଦ ଏବଂ ୧୫ ଗାଈ ଥିବାବେଳେ ଏହା ଆନ୍ଧ୍ରପ୍ରଦେଶରୁ ପଶ୍ଚିମବଙ୍ଗ ଯାଉଥିବା ଜଣାପଡ଼ିଥିଲା। ପୋଲିସ ଟ୍ରକ୍‌ରେ ଥିବା ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଥାନା କେଶ ନଂ.୧୮୫/୧୯ରେ ମାମଲା ରୁଜୁ କରାଯାଇଛି। ଜବତ ଗୋରୁଙ୍କୁ ଭୁବନେଶ୍ୱରରେ ଥିବା ଏକ ଗୋଶାଳାକୁ ସ୍ଥାନାନ୍ତର କରାଯାଇଛି।

# ବାଇକ୍ ଲୁଟ୍, ୩ ଅଟକ

**ଆସିକା,୨୭।୭(ଡି.ଏନ୍.ଏ.)**

ଆସିକା-ବ୍ରହ୍ମପୁର ୫୯ନଂ. ଜାତୀୟ ରାଜପଥରରେ ଶନିବାର ଅପରାହ୍ନ ପ୍ରାୟ ୩ଟାରେ ସଞ୍ଜୟ ବିଷୋୟୀ ବାଇକରେ ଯାଉଥିଲେ। ପିଉଳ ଛକ ନିକଟରେ ଅନ୍ୟଏକ ବାଇକରେ ୩ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଧକ୍କା ଦେଇ ବାଇକ ଛଡାଇ ନେଇଥିଲେ ସୋରଡା ଅଭିମୁଖେ ପଳାଇଥିଲେ। ସଞ୍ଜୟ ତାଙ୍କ ସାଙ୍ଗମାନଙ୍କୁ ଖବର ଦେବାରୁ ସେମାନେ ପିଛା କରି ସୋରଡା ଥାନା ସୁରମଣି ନିକଟରୁ ଲୁଟେରାଙ୍କୁ କାବୁ କରିଥିଲେ। ସୋରଡା ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖିଥିବା ଏସ୍‌ଡିପିଓ ସୂର୍ଯ୍ୟମଣିପ୍ରଧାନ ସୂଚନା ଦେଇଛନ୍ତି।

# ବିଦ୍ୟୁତ୍ ତାର ଲାଗି ଶ୍ରମିକଙ୍କ ମୃତ୍ୟୁ, ରାସ୍ତାରୋକୋ

**ଚିକିଟି,୨୭।୭(ଡି.ଏନ.ଏ.)**

କେ.ନୂଆଗାଁ ଥାନା ଚିକିଟିପେଣ୍ଠ ବ୍ରହ୍ମାନଗର ସାହିରେ ଶନିବାର ମଧ୍ୟାହ୍ନରେ ଘରକାମ ଚାଲିଥିବାବେଳେ ବିଦ୍ୟୁତ୍ ଆଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚିକିଟିପେଣ୍ଠ ବଡସାହିର ସନ୍ତୋଷ ସାହୁ (୪୦)। ସନ୍ତୋଷ ବ୍ରହ୍ମାନଗରରେ ଘରକାମ କରୁଥିବା ସମୟରେ କଟର ମେଶିନରେ ଲୁହାଛଡ କାଟୁଥିଲେ। ତାର କଟିଯାଇ ଚାର୍ଜ ହୋଇଯିବାରୁ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଚିକିଟି ଫାଣ୍ଡି ଅଧିକାରୀ ବିଜୟ କୁମାର ପ୍ରଧାନ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡମେଡିକାଲକୁ ପଠାଇଥିଲେ। ଏନେଇ କେ.ନୂଆଗାଁ ଥାନାରେ ନଂ.୧୧/୨୦୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ହୋଇ ସନ୍ଧ୍ୟାରେ ମୃତଦେହ ଗାଁରେ ପହଞ୍ଚିଥିଲା। କ୍ଷତିପୂରଣ ଦାବିରେ ଚିକିଟିପେଣ୍ଠ ବଜାରରେ ସ୍ଥାନୀୟ ଲୋକେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। କେ.ନୂଆଗାଁ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

# ୬ ଜୁଆଡ଼ି ଗିରଫ

**ଦିଗପହଣ୍ଡି,୨୭।୭(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ମଙ୍ଗଳା ମନ୍ଦିର ଯାତ୍ରା ପଡ଼ିଆ ମଣ୍ଡପ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଜୁଆଆଡ୍ଡା ଚାଲିଥିବାବେଳେ ପୋଲିସ ଚଢ଼ାଉ କରି ୬ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨ ମୁଠା ତାସ, ୮,୬୭୦ ଟଙ୍କା ଓ ଜରିପାଲ ଜବତ କରାଯାଇଛି। ନଂ.୧୩୪/୧୯ରେ ମାମଲା ରୁଜୁ କରାଯାଇଥିବା ଦିଗପହଣ୍ଡି ଥାନା ଏସ୍‌ଆଇ ମଧୁସ୍ମିତା ପ୍ରଧାନ କହିଛନ୍ତି।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ